# କ୍ୟାନ୍ସର ମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ








ବ୍ରହ୍ମପୁର, ୪।୨(ସମିସ)

ବିଶ୍ୱ କର୍କଟ ଦିବସ ପରିପ୍ରେକ୍ଷୀରେ କର୍କଟ ମୁକ୍ତ ଭାରତ ଗଠନ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛି ବ୍ରହ୍ମପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ କ୍ରାନ୍ତି। ଏହି ଅବସରରେ ସଙ୍ଗଠନ ପକ୍ଷରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ଠାରୁ ଏକ ବିଶାଳ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାରେ ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସାମାଜିକ ଅନୁଷ୍ଠାନର ଶିଶୁ, ଛାତ୍ରଛାତ୍ରୀ ସାମିଲ ହୋଇ କର୍କଟ ରୋଗର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରର ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ. ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଶାଖାପାଟଣା ସ୍ଥିତ ମହାତ୍ମାଗାନ୍ଧୀ କ୍ୟାନ୍ସର ହସ୍ପିଟାଲ ଓ ରିସର୍ଚ୍ଚ ସେଣ୍ଟରର ବରିଷ୍ଠ କ୍ୟାନ୍ସର ଡାକ୍ତର କାହ୍ନୁ ଚରଣ ପାତ୍ର, କାଲାମ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ସମ୍ପାଦକ ସନ୍ତୋଷ କୁମାର ଜେନା, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ ଅଜିତ କୁମାର ମହାପାତ୍ର, ମହାନ୍ ସଂଘ ସଭାପତି ସୁଶାନ୍ତ ସାବତ ଓ ଆଇ ଏସ ଆର ଡି ନିର୍ଦ୍ଦେଶକ ସୁଧୀର ସାବତଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ବିଭିନ୍ନ ଗଣମାଧ୍ୟମ ବ୍ୟକ୍ତିବିଶେଷ ଉପସ୍ଥିତ ରହି ବିଶ୍ୱ କର୍କଟ ଦିବସ ଅବସରରେ ଜନସାଧାରଣଙ୍କୁ କର୍କଟ ରୋଗର ଭୟାବହତା ବିଷୟରେ ସଚେତନ କରାଇଥିଲେ। କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼ଃ ଦେବାନନ୍ଦ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସଚେତନତା ସଭା ଓ ବିଶାଳ ପଦଯାତ୍ରାରେ ସେ ନିଜେ ଜଣେ ମୁଖ କର୍କଟ ରୋଗୀ ହୋଇଥିବାରୁ ନିଜର ଅଭିଜ୍ଞତା ଓ ଅନୁଭୂତିରୁ କର୍କଟ ରୋଗ ପ୍ରତି ଲୋକଙ୍କ ମଧ୍ୟରେ ସଠିକ୍ ସଚେତନ ନଥିବାରୁ ଏହି ରୋଗରେ ପୀଡିତ ନିଶ୍ଚିତ ମୃତ୍ୟୁ ବୋଲି ଧରିନିଅନ୍ତି। କର୍କଟ ରୋଗର ଚିକିତ୍ସା ବର୍ତ୍ତମାନ ସମୟରେ ଅତ୍ୟନ୍ତ ସହଜ ଓ ଉପଯୁକ୍ତ ଚିକିତ୍ସା ମିଳିଲେ ଏଥିରୁ ରୋଗୀ ବଞ୍ଚି ପାରିବ। ସେ ଉପସ୍ଥିତ ସମସ୍ତଙ୍କୁ ସଚେତନତା ପାଇଁ ଓ ତମାଖୁ ଛାଡ଼ନ୍ତୁ ଜୀବନ ବାଛନ୍ତୁ ଏହି ମନ୍ତ୍ରରେ ସଂକଳ୍ପ କରାଇଥିଲେ। ବିଶ୍ୱ କର୍କଟ ଦିବସ ଉପଲକ୍ଷେ କ୍ରାନ୍ତି ତରଫରୁ କର୍କଟ ରୋଗ ସଚେତନତା ପାଇଁ କୋମଳମତି ଶିଶୁ ଠାରୁ ବୟସ୍କ ପାଇଁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୧୫୦ଜଣ ପ୍ରତିଯୋଗୀ ଭାଗନେଇ ଚିତ୍ର ମାଧ୍ୟମରେ ସଚେତନ କରିଥିଲେ। ବାଲୁକା ଶିଳ୍ପୀ ସତ୍ୟ ମହାରଣା ବିଚାରକ ରୁପେ ଯୋଗଦେଇ ପୁରସ୍କାର ଦେବାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରାନ୍ତି ଅନୁଷ୍ଠାନର ଦେବରାଜ ରାଉତ, ନିର୍ମଳା ଦାଶ, ଅରୁଣ ପଟ୍ଟନାୟକ, ଅନିଲ କୁମାର ସେଠୀ, ଲିଙ୍ଗରାଜ ପଟ୍ଟନାୟକ, ସ୍ନିଗ୍ଧା ମହାରଣା, ଚର୍ଚ୍ଚିକା ଦାଶ, ଚିନ୍ମୟାନନ୍ଦ ଦାଶ ଓ ମହାତ୍ମାଗାନ୍ଧୀ କ୍ୟାନ୍ସର ହସପିଟାଲ ଓ ରିସର୍ଚ୍ଚ ସେଣ୍ଟରର ଏ. ପ୍ରତାପ ରାଓ, ଚନ୍ଦନ କୁମାର ଜେନା ଓ ପି. ଆନନ୍ଦ ରାଓଙ୍କ ସମେତ କ୍ରାନ୍ତି ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଡ଼ଃ ଦେବାନନ୍ଦ ଦାଶ ସମସ୍ତଙ୍କୁ ସହଯୋଗ ପାଇଁ ହୃଦୟରୁ ଧନ୍ୟବାଦ ଦେଇଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ଆସିକା, ୪।୨(ସମିସ):** ଆସିକା ଥାନା ଅନ୍ତର୍ଗତ ସୁମନ୍ତପଲ୍ଲୀ ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ଜଣକ ହେଲେ କୋଟିନଡା ଥାନା ଅନ୍ତର୍ଗତ କୁମ୍ଭାରୀ ଗାଁର ଶଙ୍କର ବେହେରା। ଶଙ୍କର ସ୍କୁଟି ଯୋଗେ ଆସିକାରୁ ବାଲିଶିରା ଯାଉଥିବା ବେଳେ ଆସିକା-ବାଲିଶିରା ମଝିରେ ଏନ୍ଏଚ୍ କାମ ଚାଲିଥିବାବେଳେ ଗଭୀର ଖାଲରେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାଙ୍କ ଅବସ୍ଥା ଅଧିକ ସଂକଟାପନ୍ନ ହେବାରୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ପଟେ ରାଜପଥ ବିଭାଗ ରାସ୍ତା କାମ କରିବାରେ ବିଳମ୍ବ ସହ ରାସ୍ତା ପାର୍ଶ୍ୱରେ ସତର୍କ ସୂଚନା ନଥିବା ଯୋଗୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟି ଅନେକ ଲୋକ ମୃତାହତ ହେଉଥିବା ଅଭିଯୋଗ ହେଉଛି।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ପୋଲସରା, ୪।୨(ସମିସ):** ପୋଲସରା ବ୍ଲକ ଅନ୍ତର୍ଗତ ରୁମାଗଡ଼ ଓ କଳମ୍ବ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଡିଓ କୁରେଶ ଚନ୍ଦ୍ର ଜାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରୁମାଗଡ଼ ସରପଞ୍ଚ ଜିତୁ ବିଷୋୟୀ ଓ କଳମ୍ବ ପଞ୍ଚାୟତରେ ସରପଞ୍ଚ ଗୀତାଞ୍ଜଳୀ ସାହୁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ବିଷୋୟୀ, ବିକ୍ରମ ନାୟକ ଓ ଝୁନୁ ଦାସ, କନିଷ୍ଠ ଯନ୍ତ୍ରୀ ଶରତ କୁମାର ମଲ୍ଲ, ଆଇପିଓ ପୁଷ୍ପାପ୍ରିୟା ବେହେରା, ସୁପରଭାଇଜର ସୁରଭି କୁସୁମ ଦାସ ଯୋଗଦେଇଥିଲେ। ଜିପିଓ ତଥା ପଞ୍ଚାୟତ ପିଇଓ ଆଦିତ୍ୟ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହିଳା ଗୋଷ୍ଠୀଙ୍କ ପକ୍ଷରୁ ଷ୍ଟଲ ଖୋଲାଯାଇ ନିଜ ବିଭାଗର ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ସାହୁ ମହିଳା ଗୋଷ୍ଠୀଙ୍କୁ ବିନା ସୁଧରେ ଋଣ ବାବଦକୁ ଚେକ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ଦିଗପହଣ୍ଡି, ୪।୨(ସମିସ):** ଦିଗପହଣ୍ଡି ବ୍ଲକ ବମୋକେଇ ଗ୍ରାମ ସ୍ଥିତ ଚିଦାନନ୍ଦ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଦେବଦତ୍ତ ସୁବୁଦ୍ଧି ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଦୁଲଣୀ କୁମାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବମୋକେଇ ଗ୍ରାମ ୟୁଜିବି ବ୍ୟାଙ୍କ ଶାଖା ପରିଚାଳକ ମୋନାଲିସା ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମାଷ୍ଟର ଟ୍ରେନର ଭାବେ ରାକ୍ଷୀ କୁମାରୀ ସାହୁ ୧୧୦ ଜଣ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ସମ୍ପର୍କିତ ବିଭିନ୍ନ କଳା କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ମାନେ ସହାୟତା କରିଥିଲେ।

## ପ୍ରସିଦ୍ଧ ଗିଟାର ବାଦକ ଜନ୍ ସିଂଙ୍କ ପରଲୋକ

**ଭଞ୍ଜନଗର, ୪।୨(ସମିସ):** ପ୍ରସିଦ୍ଧ ଓଡ଼ିଆ ଗାୟକ ତାନସେନ୍ ସିଂଙ୍କର ସାନ ଭାଇ ଜନ୍ ସିଂ ରବିବାର ହୃଦଘାତରେ ମୃତ୍ୟୁବରଣ କରିଛନ୍ତି। ତାଙ୍କୁ ୭୩ବର୍ଷ ବୟସ ହୋଇଥିଲା। ଜନ୍ ସିଂ ଓଡ଼ିଶାର ଜଣେ ବିଶିଷ୍ଟ ଗିଟାର ବାଦକ ଥିଲେ। ଅନେକ ଦିନ ଧରି ସେ ଭାରତର ବିଶିଷ୍ଟ ଯାଦୁଗର ପି.ଏଲ. ସୁନ୍ଦରକାଙ୍କ ପାଖରେ ରହି ସଙ୍ଗୀତ ସହଯୋଗୀ ଭାବେ କାର୍ଯ୍ୟ କରିଥିଲେ। ଏମିତିକି ସେ ମାଣ୍ଡୋଲିନ୍, ବେଂଜୋ, ଅର୍ଗାନ ଭଳି ବାଦ୍ୟ ବଜାଉଥିଲେ। ଏହା ବ୍ୟତୀତ ଭଞ୍ଜନଗରର ରାଜା ରାଓ ମେଲୋଡିରେ ମଧ୍ୟ ଜଣେ ଗୀଟାର ବାଦକ ଭାବେ ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରେ ନିଜର କଳାର ପରିଚୟ ଦେଇ ପ୍ରଶଂସିତ ହୋଇଥିଲେ। ସେ ଅବିବାହିତ ଥିଲେ ଏବଂ ନିଜ ଜୀବନରେ ସେ ଅନେକ ଛାତ୍ରଛାତ୍ରୀଙ୍କୁ ସଙ୍ଗୀତ ଶିକ୍ଷା ଦେଇଛନ୍ତି। ତାଙ୍କର ମୃତ୍ୟୁରେ ଭଞ୍ଜନଗରର ଅନେକ ସଙ୍ଗୀତ ପ୍ରେମୀ ମର୍ମାହତ ହେବା ସହ ତାଙ୍କର ଶେଷ ଦର୍ଶନ ପାଇଁ ଭଞ୍ଜନଗର ଖ୍ରୀଷ୍ଟିଆନ ସାହିରେ ଥିବା ବାସଗୃହରେ ପହଞ୍ଚିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଭାଇ ସାଇମନ ସିଂ, ପୁତୁରା ଦିଲ୍ଲୀପ ସିଂ ତଥା ବାଲ୍ୟ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଭଞ୍ଜନଗର ଚକରା ବିଷୋୟୀ ଛକରେ ଥିବା ଖ୍ରୀଷ୍ଟିଆନ କବର ଖାନାରେ ତାଙ୍କୁ କବର ଦିଆଯାଇଛି।

● ଜାତିଗତ ପ୍ରମାଣପତ୍ରକୁ ନେଇ ମାମଲା

## ଅଭିଯୋଗ ଭିତ୍ତିହୀନ: ଏନ୍ଏସି ଅଧ୍ୟକ୍ଷ

**ଖଲ୍ଲିକୋଟ, ୪।୨(ସମିସ):** ଜାତିଗତ ପ୍ରମାଣପତ୍ରକୁ ନେଇ ହିଜିଳିକାଟୁ ଅଞ୍ଚଳର ଜଣେ ବ୍ୟକ୍ତି ହାଇକୋର୍ଟରେ ଦାଖଲ କରିଥିବା ରିଟ ପିଟିସନର ପ୍ରତିକ୍ରିୟା ରଖିଛନ୍ତି ଖଲ୍ଲିକୋଟ ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା। ଏନଏସି କାର୍ଯ୍ୟାଳୟ ପରିସରରେ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷ ଶ୍ରୀ ବେହେରାଙ୍କ ସହ କାଉନସିଲର ନାରାୟଣ ପାଢ଼ୀ ଉପସ୍ଥିତ ଥିଲେ। ନିଜ ପ୍ରତିକ୍ରିୟାରେ ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା କହିଛନ୍ତି, ମୋ ନାମରେ ହାଇକୋର୍ଟରେ ଯେଉଁ ଅଭିଯୋଗ ହୋଇଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ମୁଁ ଏବଂ ମୋ ପୂର୍ବ ବଂଶଜ ହରିଜନ ଅଟୁ। ଏହା ଆବାହମାନ କାଳରୁ ରହି ଆସିଛି ବୋଲି କହିବା ସହ ସରକାରୀ ପ୍ରମାଣ ଭାବେ ରେକର୍ଡ ହୋଇଥିବା ସମସ୍ତ ଦସ୍ତାବିଜ ଦେଖାଇଥିଲେ। ଅଧ୍ୟକ୍ଷଙ୍କ କହିବା ଅନୁଯାୟୀ, ମୁଁ ଜଣେ ହରିଜନ ଜାତିର ବ୍ୟକ୍ତି ଓ ମୋର ପୂର୍ବଜ ମାନେ ମାଛଧରା କେଉଟ ଜାତିର ଅଟେ। ମୁଁ ଜନ୍ମ ହେବା ଠାରୁ ହରିଜନ ଜାତି ହିସାବରେ ସରକାରଙ୍କ ଠାରୁ ସମସ୍ତ ସରକାରୀ ସୁବିଧା ଉପଭୋଗ କରି ଆସୁଛି। ମୁଖ୍ୟମନ୍ତ୍ରୀ, ଖଲ୍ଲିକୋଟ ରାଣୀମା ଓ ଜନସାଧାରଣଙ୍କ ଦୟାରୁ ମୁଁ ବର୍ତ୍ତମାନ ବିଜେଡି ଦଳରୁ ଖଲ୍ଲିକୋଟ ଏନଏସି ଅଧ୍ୟକ୍ଷ ହୋଇ ଖଲ୍ଲିକୋଟ ଜନସାଧାରଣଙ୍କ ସେବା କରିବା ସହିତ ଏହି ଏନଏସିର ସର୍ବାଙ୍ଗୀନ ବିକାଶ ଦିଗରେ ଅହରହ ଚେଷ୍ଟା ଜାରି ରଖିଛ ବୋଲି କହିଛନ୍ତି।

## ଓଡ଼ିଶା ପ୍ରସିକ୍ୟୁସନ ସର୍ଭିସ୍ ଆସୋସିଏସନର ଗୁରୁତ୍ୱପୂର୍ଣ୍ଣ ବୈଠକ

**ବ୍ରହ୍ମପୁର, ୪।୨(ସମିସ):** ରବିବାର ବିଭିନ୍ନ ବିଷୟବସ୍ତୁକୁ ନେଇ ଓଡ଼ିଶା ପ୍ରସିକ୍ୟୁସନ ଆସୋସିଏସନର ଉପ ନିର୍ଦ୍ଦେଶକ ତଥା ସଂଘର ସଭାପତି ଅଜିତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭୁବନେଶ୍ୱରରେ ଆୟୋଜିତ ହୋଇଯାଇଛି। ଏଥିରେ ସଂଘର ସମ୍ପାଦକ ତଥା ବରଗଡ଼ର ପବ୍ଲିକ ପ୍ରୋସିକ୍ୟୁଟର ସଞ୍ଜୟ କୁମାର ପ୍ରଧାନ ଯୋଗଦେଇ ବିଚାର ବିଭାଗ ବ୍ୟବସ୍ଥାରେ କିପରି ଜଣେ ସାଧାରଣ ବ୍ୟକ୍ତିକୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବ ତଥା ଅଭିଯୋଜକ ସଂଘ କିପରି ଲୋକଙ୍କ ନିକଟତର ହେଇପାରିବ ସେହି ବିଷୟରେ ନିଜର ମତପୋଷଣ କରିବା ସହ ସଂଘର ଉପସଭାପତି ଦେବାଶିଷ ମହାକୁଡ଼ ସଂଘର ସଦସ୍ୟମାନେ ସମ୍ମୁଖୀନ ହେଉଥିବା ପ୍ରତିଦିନର ବାଧାବିଘ୍ନକୁ ଏଡାଇ କିପରି ଦକ୍ଷତାର ସହ କାର୍ଯ୍ୟ କରିପାରିବେ ସେ ଉପରେ ନିଜର ମତବ୍ୟକ୍ତ କରିଥିଲେ। ସେହିପରି ସଂଘର ପରାମର୍ଶଦାତା ଓପିଆଇଡ଼ି କୋର୍ଟର ପବ୍ଲିକ ପ୍ରୋସିକ୍ୟୁଟର ସୁବ୍ରତ ମହାନ୍ତି ତଥା ଇଓଡ଼ବ୍ଲ୍ୟୁର ପବ୍ଲିକ ପ୍ରୋସିକ୍ୟୁଟର ବିଦ୍ଧୁ ଭୂଷଣ ମହାନ୍ତି ସଂଘର ବହୁ ବର୍ଷରୁ ଚାଲିଆସିଥିବା ଦାବି ଯଥା ସମସ୍ତ ପ୍ରୋସିକ୍ୟୁଟରଙ୍କୁ ଅନ୍ୟ ରାଜ୍ୟରେ ମିଳୁଥିବା ସୁବିଧା ଭଳି ସୁବିଧା ଦେବା କଥାକୁ ନେଇ ସରକାରଙ୍କ କିପରି ଦୃଷ୍ଟି ଆକର୍ଷଣ କରାଯିବ, ସେନେଇ ମତବ୍ୟକ୍ତ କରିଥିଲେ। ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଯୁଗ୍ମସମ୍ପାଦକ ଏପିପି ରାଜେଶ କୁମାର ମିଶ୍ର, କ୍ରାଇମବ୍ରାଞ୍ଚର ଏପିପି ନିରଞ୍ଜନ ନାୟକ, ଇଓଡ଼ବ୍ଲ୍ୟୁର ଏପିପି ଚନ୍ଦନ ଦାସ, ଏପିପି ସାଇରଞ୍ଜନ ମହାନନ୍ଦିଆ, ଏପିପି ତୃପ୍ତିମୟୀ ପାତ୍ର, ଏପିପି ଦେବଶ୍ରୀ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଓପ୍ସାର ସଦସ୍ୟମାନେ ସାଧାରଣ ଅଭିଯୋଜନ ବିଭାଗର ନିର୍ଦ୍ଦେଶକଙ୍କୁ ଦେଖା କରି ସଂଘର ବିଭିନ୍ନ ଦାବି ତଥା ଅନ୍ୟ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ।

## ସ୍କାଉଟ୍ସ ଓ ଗାଇଡ୍‌ର ଦୀକ୍ଷା ସଂସ୍କାର ସମାରୋହ



**ଭଞ୍ଜନଗର, ୪।୨(ସମିସ):** ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟ, ବଡକୋଦଣ୍ଡା ଠାରେ ଭାରତ ସ୍କାଉଟ୍ସ ଓ ଗାଇଡର ଦୀକ୍ଷା ସଂସ୍କାର ସମାରୋହ ପ୍ରଧାନଶିକ୍ଷକ ସନ୍ତୋଷ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ତାଲିମ କମିଶନର ବିକ୍ରମ ମହାରଣା ସ୍କାଉଟ ମାଷ୍ଟର ହୃଷୀକେଶ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସ୍କାଉଟ୍ସ ଓ ଗାଇଡର ନୀତିନିୟମ, ଗୀତ, ବିଧି, ବ୍ୟବସ୍ଥା ଉପରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ସାହୁ, ସାଜନ ସ୍ୱାଇଁ ଓ କ୍ରୀଡା ଶିକ୍ଷକ ଶରତ ଚନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ୧୬ଜଣ ଛାତ୍ରଛାତ୍ରୀ ଦୀକ୍ଷା ସଂସ୍କାର କାର୍ଯ୍ୟକ୍ରମରେ ସାମିଲ ସହ ଦୀକ୍ଷା ଗ୍ରହଣ କରିଥିଲେ। ବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ। ସ୍କାଉଟ୍ସ ମାଷ୍ଟର ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ



**ଭଞ୍ଜନଗର, ୪।୨(ସମିସ):** ଭଞ୍ଜନଗର ନିର୍ବାଚନମଣ୍ଡଳୀ ଜଗନ୍ନାଥ ପ୍ରସାଦ ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି ରବିବାର ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଥିମଧ୍ୟରେ ତାରାସିଙ୍ଗି ଠାରେ ମିଶନ ଶକ୍ତି ଗୃହର ଶୁଭ ଉଦ୍‌ଘାଟନ କରିବା ସହ ଭଞ୍ଜନଗର ଠାରୁ ତିଳିସିଙ୍ଗି, ତାରସିଙ୍ଗି ଓ ଦଶପଲ୍ଲା ରାସ୍ତାର ଜାଡଧାର ଠାରେ ଖିଲାଡି ନାଳ ଉପରେ ବିଜୁସେତୁର ଭିତ୍ତିପ୍ରସ୍ତର ସ୍ଥାପନ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ତୋଲଡ଼ି ଠାରୁ ମଶାବାଡ଼ି ଭାୟା ରାମ୍ପ ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଭଳି ବିଭିନ୍ନ ପ୍ରକଳ୍ପର ଶିଳନ୍ୟାସ ଓ ଉଦଘାଟନ କରିଥିଲେ। ଏଥିସହ ରୁଢ଼ା ପଦର ଓ କଳିଙ୍ଗ ପଦର ଠାରେ ଆମ ଓଡ଼ିଶା, ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ପ୍ରସାଦ ସାଂସଦ ପ୍ରତିନିଧି ବିପ୍ର ଚରଣ ବାରିକ, ଉପସଭାପତି ପ୍ରଭାତ ଚନ୍ଦ୍ର ଦଳବେହେରା, ଯୁବ ସଭାପତି ଶ୍ରୀକାନ୍ତ ଦଳବେହେରା, ସଭାନେତ୍ରୀ ଲିପିକା ସ୍ୱାଇଁ, ଗେରେଡା ସରପଞ୍ଚ ପ୍ରଦୀପ କୁମାର ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସରିତ କୁମାର ପ୍ରଧାନ, ବିଡ଼ିପୁର ସରପଞ୍ଚ ପ୍ରତିନିଧି ଶିଶିରକାନ୍ତ ସାହୁ, ଝାଡଭୂମି ସମିତି ସଭ୍ୟ ଅନୁପ ଭୂୟାଁ, ଗାୟାଗଣ୍ଡା ସରପଞ୍ଚ ପଦ୍ମଜା ପାତ୍ର, ପ୍ରତିନିଧି ରଙ୍କନିଧି ପାତ୍ର, ସମିତି ସଭ୍ୟ ସୌମ୍ୟଶ୍ରୀ ଓଦଣ୍ଡରାୟ, ରୁଢ଼ାପଦର ସରପଞ୍ଚ ବିନୋଦ ଜାନୀ, ସମିତି ସଭ୍ୟ ସତ୍ୟବାନ ନାୟକ, ଜିଲ୍ଲା ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିଦ୍ୟାଧର ଜାନୀ, ବିଡିଓ ଅଶ୍ୱିନୀ କୁମାର ମହାପାତ୍ର, ସିଡିପିଓ ଦାର୍ଶନି ନାୟକ, କୋକଳାବା ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ନାୟକ, ସମାଜସେବି ଶୂଳପାଣି ଶତପଥୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ପୋଲସରା ବନାଞ୍ଚଳ ପକ୍ଷରୁ ମିନି ମାରାଥନ

ପୋଲସରା, ୪।୨(ସମିସ)




ଜଙ୍ଗଲକୁ ନିଆଁ ପ୍ରଶମିତ ଉଦ୍ଦେଶ୍ୟରେ ପୋଲସରା ବନାଞ୍ଚଳ ପକ୍ଷରୁ ଏକ ମିନି ମାରାଥନର ଆୟୋଜନ କରାଯାଇଥିଲା। ଏସିଏଫ୍ ସଚିନ୍ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଅୟୋଜିତ କାର୍ଯ୍ୟକ୍ରମରେ ପୋଲସରା ତହସିଲଦାର ରୁବୀ ବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ ଯୋଗଦେଇ ପତାକା ଦେଖାଇ ମାରାଥନକୁ ଉଦଘାଟନ କରିଥିଲେ। ପୋଲସରା ତହସିଲ କାର୍ଯ୍ୟାଳୟରୁ ବାହାରି ଦଶମଇଲି ଛକ ପର୍ଯ୍ୟନ୍ତ ଦୀର୍ଘ ୧୪ କିଲୋମିଟର ଦୂରତାକୁ ନେଇ ଅୟୋଜିତ ଏହି ମାରାଥନରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମାରାଥନରେ ମହିଳା ବିଭାଗରେ ତପସ୍ୱିନୀ ଗୌଡ଼, ଜଗରି ପ୍ରଧାନ, ଅଭାରାଣି ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବାବେଳେ ପୁରୁଷ ବିଭାଗରେ ଭଗବାନ ଗୌଡ଼, ଆଲୋକ ସାହୁ, ରୋହିତ କୁମାର ଜେନା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବନବିଭାଗର ଡେପୁଟି ରେଞ୍ଜର ନନ୍ଦ କିଶୋର ସିଂ, ଫରେଷ୍ଟର ଅଭିରାମ ଖିଲ, ରାଜେନ୍ଦ୍ର ନାୟକ, ସରସ୍ୱତୀ ନାୟକ, ଭୋଳେଶ୍ୱର ମଲ୍ଲିକ, ସୁବ୍ରତ କୁମାର ବେହେରା, ମନୋଜ କୁମାର ଶତପଥୀଙ୍କ ସମେତ ବନ ବିଭାଗ କର୍ମଚାରୀ ଓ ପାରା ଷ୍ଟାଫ୍ ଉପସ୍ଥିତ ଥିଲେ।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



**ଦିଗପହଣ୍ଡି,୪।୨(ସମିସ):** ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସିମାଞ୍ଚଳ ସାହୁଙ୍କ ସଂଯୋଜନା ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ଦିବାନ ବେହେରାଙ୍କ ସଭାପତିତ୍ୱରେ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏବିଇଓ ବିଶ୍ରବା ପାଇକ ମୁଖ୍ୟବକ୍ତା ରୂପେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସେହିପରି ବରିଷ୍ଠ ଶିକ୍ଷକ ବିଜୟ କୁମାର ପ୍ରଧାନ, ସିଆରସିସି ବାବୁ ବେହେରା ପ୍ରମୁଖ ସମ୍ମାନିତ ଅତିଥିରୂପେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାମାଜିକ ନାଟକ 'ମଝି ନଈରେ ମୋ ଜୀବନ ଡଙ୍ଗା' ମଞ୍ଚସ୍ଥ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୁରେନ୍ଦ୍ର ମାଝୀ, ବ୍ରହ୍ମଚାରୀ ପ୍ରଧାନ, ନଳିନୀକାନ୍ତ ଗୌଡ଼, ଶିକ୍ଷୟିତ୍ରୀ ସ୍ନେହଲତା ଦାସ, ବି. ତୁଳସ୍ୟାମା ରେଡ୍ଡୀ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଗୌଡ଼, କୈଳାସ ସାହୁ, ଲମ୍ବୋଦର ଗୌଡ଼, ବାବୁ ମହାନ୍ତୁଡ, କ୍ଷେତ୍ର ସାହୁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ଅଭିଭାବକମାନେ ସହଯୋଗ କରିଥିଲେ।




## ଶିଶୁକନ୍ୟାର ମୃତଦେହ ଜବତ

**ଦିଗପହଣ୍ଡି, ୪।୨(ସମିସ):** ଦିଗପହଣ୍ଡି ପୁଲିସ ରବିବାର ଗୋଲଣ୍ଡା ଗ୍ରାମର ବିଶ୍ରାମାଗାର ପାଖରୁ ଏକ ଦୁଇ ମାସର ଶିଶୁକନ୍ୟାର ମୃତଦେହ ଜବତ କରିଛି। ଜବତ ସମୟରେ ଚିକିଟି ଏସ୍‌ଡିପିଓ ସୁଜିତ୍ କୁମାର ନାୟକ ଘଟଣାସ୍ଥଳରେ ଉପସ୍ଥିତ ରହି ଘଟଣାର ପରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରିଛନ୍ତି। ଏନେଇ ୧/୨୪ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ଏମ୍‌କେସିଜି ପଠାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିବ ବୋଲି ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି। ରବିବାର ପୂର୍ବାହ୍ନରେ ଶିଶୁକନ୍ୟାର ମୃତଦେହ ଶରୀର ଗ୍ରାମର ବିଶ୍ରାମାଗାର ନିକଟରେ ପଡ଼ିଥିବା ଗାଁ ଲୋକମାନେ ଦେଖିବାକୁ ପାଇଥିଲେ। ଖବର ପାଇ ଖମାରୀ ଗାଁ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲା।






## ପାରୋଲ୍‌ରେ ଯାଇ ଦୁର୍ଦ୍ଧାନ୍ତ ଅପରାଧୀ ୨ ବର୍ଷ ଧରି ଫେରାର

# ପଳାତକ ଘୋଷିତ କାଲୁର ଟେର୍ ପାଉନି ପୁଲିସ

**ବ୍ରହ୍ମପୁର, ୪।୨(ସମିସ):** ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏକ ହାଇପାୱାର କମିଟି ଦ୍ୱାରା ରାଜ୍ୟର ବିଭିନ୍ନ ଜେଲ୍‌ରେ ଥିବା କଏଦୀମାନଙ୍କୁ ନିର୍ଦ୍ଦିଷ୍ଟ କିଛିଦିନ ପାଇଁ ପାରୋଲରେ ଜେଲରୁ ଛୁଟିରେ ଯିବାକୁ ଅନୁମତି ମିଳିଥାଏ। ସେହିପରି କୋଭିଡ ମହାମାରୀ ସମୟରେ ବିଭିନ୍ନ ଜେଲରୁ ଭିଡ କମାଇବା ପାଇଁ ବିଭିନ୍ନ ଜେଲରୁ କଏଦିଙ୍କୁ ସ୍ୱତନ୍ତ୍ର ପାରୋଲରେ ଛଡାଯାଇଥିଲା। ଏହିକ୍ରମରେ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ମଧ୍ୟ ୩୬ଜଣ କଏଦୀ ଛାଡ଼ ପାଇଥିଲେ। ସେଥିରେ କିଛି ଆଜୀବନ କଏଦୀ ଥିଲେ ଏବଂ ପରବର୍ତ୍ତି ସମୟରେ ସେମାନେ ପୁଣି ଆତ୍ମସମର୍ପଣ କରିଥିଲେ। ତେବେ ୨୦୨୨ମସିହା ଜାନୁଆରୀ ମାସରେ ୩୦ଦିନ ପାଇଁ ପାରୋଲରେ ଯାଇଥିବା ଦୁର୍ଦ୍ଧାନ୍ତ ଅପରାଧୀ "କାଲୁ ନାୟକ' ଦୀର୍ଘ ଦୁଇବର୍ଷ ପରେ ମଧ୍ୟ ଆତ୍ମସମର୍ପଣ କରିନଥିବା ଜଣାପଡ଼ିଛି। ୨ବର୍ଷରୁ ଅଧିକ କାଳ ଧରି କାଲୁ ଫେରାର୍ ରହିଥିବା ଜେଲ୍ ସୂତ୍ରରୁ ଜଣାପଡ଼ିଛି। ୧୩ବର୍ଷ ସଜା କାଟିବା ପରେ ଜଣେ ଆଜୀବନ କଏଦୀଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ ହୋଇଥାଏ। ସେହିପରି ବିଭିନ୍ନ ସମୟରେ କଏଦୀମାନଙ୍କୁ ଜିଲ୍ଲାସ୍ତରରେ ଗଠିତ ହୋଇଥିବା କମିଟିର ଅନୁମୋଦନ କ୍ରମେ ୩୦ଦିନିଆ ପାରୋଲରେ ଛଡ଼ା ଯାଇଥାଏ। କବିସୂର୍ଯ୍ୟନଗର ଥାନା ଇଲାକାର ଦୁର୍ଦ୍ଧାନ୍ତ ଅପରାଧୀ କାଲୁ ନାୟକକୁ ଏକ ହତ୍ୟା ମାମଲାରେ ଆଜୀବନ ଦଣ୍ଡାଦେଶ ହୋଇଥିଲା। କାଲୁ ହେଉଛି ଗଞ୍ଜାମ ଜିଲ୍ଲାର ଦୁର୍ଦ୍ଧାନ୍ତ ଅପରାଧୀ ଦିଲ୍ଲୀପ ନାୟକର ସହଯୋଗୀ। ଦିଲ୍ଲୀପ ମଧ୍ୟ ୨୦୨୧ରେ ପାରୋଲରେ ଯାଇଥିବା ବେଳେ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। କାଲୁକୁ ୨୦୨୨ଜାନୁଆରୀ ମାସରେ ୩୦ଦିନ ପାଇଁ ପାରୋଲ ମିଳିଥିଲା। କିନ୍ତୁ ପାରୋଲ ସମୟ ସରିବା ପରେ ମଧ୍ୟ ସେ ଆତ୍ମସମର୍ପଣ କରିନଥିବା ଜଣାପଡ଼ିଛି। ଏନେଇ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କବିସୂର୍ଯ୍ୟନଗର ଥାନା ପୁଲିସକୁ ସୂଚନା ଦିଆଯାଇଥିଲା। କାଲୁକୁ ବର୍ତ୍ତମାନ ପଳାତକ ଘୋଷଣା କରାଯାଇଛି। ଦୀର୍ଘ ୨ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ପୁଲିସ କାଲୁକୁ ବର୍ତ୍ତମାନ ସୁଦ୍ଧା ଖୋଜୁଛି। ଅନ୍ୟପକ୍ଷରେ ପୁଲିସ କାଲୁକୁ ଧରିବା ପାଇଁ ସମସ୍ତ ପ୍ରୟାସ ଜାରି ରଖିଥିବା ଜଣାପଡ଼ିଛି।

### ସରପଞ୍ଚଙ୍କୁ ମିଳିଲା ବଡ଼ ଅଧିକାର

## ରାଜ୍ୟ ସରକାରଙ୍କୁ ରାଷ୍ଟ୍ରୀୟ ଗ୍ରାମପ୍ରଧାନ ସରପଞ୍ଚ ସଂଗଠନର କୃତଜ୍ଞତା

**ବ୍ରହ୍ମପୁର, ୪।୨(ସମିସ):** ରାଜ୍ୟ ସରପଞ୍ଚ ମହାସଂଘର ୧୫ଦଫା ଦାବି ମଧ୍ୟରୁ ସରକାର ମୁଖ୍ୟ ଦାବିକୁ ମାନିନେଇ ପଞ୍ଚାୟତର ପ୍ରତି ଫାଇଲରେ ବିଡିଓଙ୍କ କାଉଣ୍ଟର ସାଇନ ରହିବାକୁ ସରକାର ପୁନଃ ବିଚାରକରି ଏହି କାଉଣ୍ଟର ସାଇନ ବ୍ୟବସ୍ଥାକୁ ହଟାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିନେଇ ପଞ୍ଚାୟତ ବିଭାଗରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପଞ୍ଚାୟତ ଟଙ୍କା ଉଠାଣରେ ବିଡିଓଙ୍କ କୌଣସି କାଉଣ୍ଟର ସାଇନର ଆବଶ୍ୟକତା ନଥିବାବେଳେ ସିଏଫସି ଓ ଏସଏଫସି ଅଧିନରେ ଆସୁଥିବା ପ୍ରକଳ୍ପ ପାଇଁ ଟଙ୍କାଉଠାଣ ପାଇଁ ବିଡିଓଙ୍କ କାଉଣ୍ଟର ସାଇନ ରହିବ ବୋଲି ସରକାର ୨୦୨୦ରେ ନୂଆଁ ନିର୍ଦ୍ଦେଶନାମା ଜାରି କରିଥିଲେ। ଯଦ୍ଦ୍ୱାରା ସରପଞ୍ଚମାନଙ୍କ କ୍ଷମତା ଏକ ପ୍ରକାର ସଙ୍କୁଚିତ ହୋଇଥିବା ନେଇ ସରପଞ୍ଚ ମହାସଂଘ ଅଭିଯୋଗ କରିଥିଲା। ସରପଞ୍ଚମାନଙ୍କ ମୁଖ୍ୟ ଦାବି ଉପରେ ବିଚାରକରି ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନସଚିବ ଶନିବାର ଏନେଇ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ଏହି କାଉଣ୍ଟର ସାଇନ ନିୟମାବଳୀକୁ ପ୍ରତ୍ୟାହାର କରାଯାଇଥିବା ନେଇ ଚିଠିରେ ଦର୍ଶାଯାଇଛି। ସରପଞ୍ଚମାନଙ୍କୁ ନିଜର ସ୍ୱାଧିନତା ଓ ଦାୟିତ୍ୱବୋଧକୁ ସମ୍ମାନ ଜଣାଇ ରାଜ୍ୟ ସରକାର କାଉଣ୍ଟର ସାଇନକୁ ପ୍ରତ୍ୟାହାର କରିଥିବା ନିଷ୍ପତ୍ତିକୁ ରାଷ୍ଟ୍ରୀୟ ଗ୍ରାମପ୍ରଧାନ/ସରପଞ୍ଚ ସଂଗଠନ ସ୍ୱାଗତ କରିବା ସହିତ ଅନ୍ୟ ଦାବି ଉପରେ ସରକାର ପୁନଃବିଚାର କରିବେ ବୋଲି ସଂଗଠନର ରାଜ୍ୟ ସଭାପତି ରବି ରଥ ଓ ସମ୍ପାଦକ ଡା. ରାଜାରାମ ଷଡଙ୍ଗୀ ସରକାରଙ୍କୁ ନିବେଦନ କରିଛନ୍ତି।

## ୧୬ରେ 'ସିଟୁ'ର ଧର୍ମଘଟ



**ବ୍ରହ୍ମପୁର, ୪।୨(ସମିସ):** ସ୍ଥାନୀୟ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଭାରତର ଟ୍ରେଡ଼ ୟୁନିୟନ କେନ୍ଦ୍ର (ସିଆଇଟିୟୁ) ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ସଭାପତି ପ୍ରତାପ ଚୌଧୁରୀ ସଭାପତିତ୍ୱ କରିଥିଲେ। ଦରବୃଦ୍ଧି, ବେକାରୀ, ବ୍ୟାଙ୍କ, ବୀମା, ରେଳବାଇର ଘରୋଇକରଣ, ଚାଷୀ ଫସଲ ପାଇଁ ସହାୟକ ମୂଲ୍ୟ, ସର୍ବନିମ୍ନ ଦରମା ୨୬ହଜାର, ପୁରୁଣା ପେନସନ ଲାଗୁକରିବା, ନିର୍ମାଣ ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା, ଏବଂ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ ଚଳିତ ମାସ ୧୬ତାରିଖରେ ଡାକରା ଦିଆଯାଇଥିବା ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥି ନିମନ୍ତେ ଜିଲ୍ଲାରେ ବ୍ୟାପକ ପ୍ରଚାର ଅଭିଯାନ କରିବା ପାଇଁ ସଭା, ଶୋଭାଯାତ୍ରା, ବୈଠକ ଇତ୍ୟାଦି ସଂଗଠିତ କରିବା ପାଇଁ ସିଦ୍ଧାନ୍ତ ନିଆଯାଇଛି। ବୈଠକରେ ରାଜ୍ୟ ଉପସଭାପତି ପୂର୍ଣ୍ଣ ପାଢ଼ୀ, ଯୁଧିଷ୍ଠିର ବେହେରା, ଶିବ ପ୍ରସାଦ ମହାପାତ୍ର, ନୃସିଂହ ବ୍ରହ୍ମା, ଆନନ୍ଦ ରାଓ, ପ୍ରଶାନ୍ତ ଶତପଥୀ, ରମେଶ ଚନ୍ଦ୍ର ସାହୁ, ମୋହନ ରାଓ, ମୋହନ ସ୍ୱାମୀ, ଗଙ୍ଗାଧର ରେଡି ଓ କବିତା ସେଠି ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇଟି ଘରୁ ସୁନା ଓ ରୁପା ଅଳଙ୍କାର ଚୋରି

**ବ୍ରହ୍ମପୁର, ୪।୨(ସମିସ):** ସହରରେ ନିୟମିତ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ଚୋରୀ ଘଟଣା ପୁଲିସର ନିଦ ହଜାଇ ଦେଇଛି। ସହରର ଦୁଇଟି ପୃଥକ ପୃଥକ ଥାନା ଇଲାକାରେ ଦୁଇଟି ଘରୁ ୪୩ଭରି ସୁନା ଓ ୪ଭରି ରୁପା ଅଳଙ୍କାର ସହ କିଛି ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସହରରେ ସକ୍ରିୟ ଥିବା ଚୋର ଗ୍ୟାଙ୍ଗର ଏହି ସଫଳତା ପୁଲିସକୁ ଚିନ୍ତାରେ ପକାଇ ଦେଇଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରି ଧରିବା ପୁଲିସ ପାଇଁ ବଡ ଚାଲେଞ୍ଜ ସଦୃଶ ହୋଇଛି। ସୂଚନାଯୋଗ୍ୟ ଯେ, ଛତ୍ରପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡା. ଜ୍ୟୋସ୍ନାରାଣୀ ସେଠୀଙ୍କ ସରକାରୀ କ୍ୱାର୍ଟରୁ ଗତ ଜାନୁଆରୀ ୩୧ତାରିଖରେ ବ୍ରହ୍ମପୁର ବ୍ୟାଙ୍କ କଲୋନୀ ବାପୁଜୀନଗରସ୍ଥିତ ଘରର ଗ୍ରୀଲ ସହ ବେଡ଼ରୁମ ଝରକାର ଗ୍ରୀଲ କବାଟ କାଟି ଦୁଇଟି ଆଲମାରୀରୁ ମୋଟ ୨୦ଭରି ସୁନା ଓ ୪ଭରି ରୁପା ଅଳଙ୍କାର ଚୋରୀ ହୋଇଥିଲା। ଘଟଣାକୁ ୩ଦିନ ବିତିଯାଇଥିଲେ ହେଁ ପୁଲିସକୁ ଏଥିରେ ସଫଳତା ମିଳିପାରି ନାହିଁ। ସେହିପରି ଟାଉନ ଥାନା ଅନ୍ତର୍ଗତ ବିଜିପୁର ଟ୍ୟାଙ୍କ ରୋଡ଼ ସାହି ନିବାସୀ ରବୀନ୍ଦ୍ର କୁମାର ଜେନାଙ୍କ ଘରୁ ୨୩ଭରି ସୁନା ଅଳଙ୍କାର ଚୋରି ହୋଇଥିଲା। ଉଭୟ ଘଟଣାରେ ପୁଲିସ କାହାରିକୁ ଗିରଫ କରିପାରି ନାହିଁ। ସେହିଭଳି ଏକାଧିକ ଚୋରି ଓ ଲୁଟ ମାମଲାରେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ରହିଛି। ଏଭଳି ପରିସ୍ଥିତିରେ ଲୁଟେରାଙ୍କୁ ଧରିବା ପାଇଁ ପୁଲିସ କି ରଣନିତି ଆପଣାଉଛି ତାହା ଉପରେ ରହିଛି ସମସ୍ତଙ୍କ ନଜର।

## ଦୁଇ ବ୍ୟବସାୟୀଙ୍କଠାରୁ ୨୮ ଲକ୍ଷ ଠକେଇ ଘଟଣା

# ପୁଲିସ ସ୍କାନ୍‌ରରେ ମହେଶ, ଅର୍ନର ଓ କେପି

**ବ୍ରହ୍ମପୁର, ୪।୨(ସମିସ)**

ଲୋଭନୀୟ ସ୍କିମ ଆଳରେ ବ୍ରହ୍ମପୁର ସହରର ଦୁଇ ବ୍ୟବସାୟୀଙ୍କ ଠାରୁ ୨୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବୈଦ୍ୟନାଥପୁର ଥାନା ପୁଲିସ ଗତ ନଭେମ୍ବର ୨୧ତାରିଖରେ ବଦ୍ରିନାଥ ପଣ୍ଡା, ଅକ୍ଷୟ କୁମାର ନାୟକ, ଭବାନୀ ଶଙ୍କର ପଟ୍ଟନାୟକ, ରାମଚନ୍ଦ୍ର ପଣ୍ଡା ଓ ନିବାସ ନାହାକ ଆଦି ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଏହି ଘଟଣାରେ ମହେଶ ବର୍ମା, ଅର୍ନର ଓ କେପି ନାମକ ୩ଜଣ ଅଭିଯୁକ୍ତ ଏପର୍ଯ୍ୟନ୍ତ ଫେରାର ରହିଛନ୍ତି। ସେମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏପଟେ ଫେରାର ଅଭିଯୁକ୍ତଙ୍କ ନାମରେ ଗିରଫ ପରୱାନା ଜାରି ହୋଇଥିବା ଜଣାପଡ଼ିଛି। ପୁଲିସ ଗିରଫ ଅଭିଯୁକ୍ତଙ୍କ ନିକଟରୁ ୮ହଜାରଟି ୫୦୦ଟଙ୍କିଆ ଖେଳନା ନୋଟ, ୫ଟି ମୋବାଇଲ ଓ ଦୁଇଟି ବ୍ୟାଗକୁ ଜବତ କରିଥିଲା। ସୂଚନାଯୋଗ୍ୟ ଯେ, ଟ୍ରେଡ ପ୍ରଫିଟ ଫଣ୍ଡ ନାମରେ ଉପରୋକ୍ତ ଅଭିଯୁକ୍ତମାନେ ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ତାଲୁକାରୋଡ ପନ୍ଦରା ସାହିର ବରଫ ବ୍ୟବସାୟୀ ସୂର୍ଯ୍ୟ ନାରାୟଣ ପାତ୍ର ଓ ଶ୍ରୀରାମନଗରର ପିଆଜ ହୋଲସେଲ ବ୍ୟବସାୟୀ ସଚିନ ମହାପାତ୍ରଙ୍କ ଠାରୁ ୨୮ଲକ୍ଷ ଟଙ୍କା ଠକି ନେଇଥିଲେ। ଘଟଣାରେ ଗିରଫ ୫ଜଣ ଓ ଫେରାର ୩ଜଣ ଅଣଓଡ଼ିଆ ନିଜକୁ ଋଣଦାତା କମ୍ପାନୀର ଏଜେଣ୍ଟ ଭାବେ ପରିଚୟ ଦେଇ ଲାଞ୍ଜିପଲ୍ଲୀ ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ନିକଟକୁ ଆସିଥିଲେ। ସୂର୍ଯ୍ୟ ଓ ସଚିନ ଏକ ବ୍ୟାଗରେ ଟଙ୍କା ଆଣି ପହଞ୍ଚିବା ପରେ ୨ଜଣ ଅଣଓଡ଼ିଆ ନିଜ କାରରେ ବସିଥିଲେ। ତେବେ ସୂର୍ଯ୍ୟ ଓ ସଚିନଙ୍କ ଠାରୁ ଉକ୍ତ ଟଙ୍କା ବ୍ୟାଗ ନେଇ ନକଲି କି ଅସଲି ବୋଲି ଯାଞ୍ଚ କରିବା ବାହାନାରେ ବ୍ୟାଗ ବଦଳାଇ ଦେଇଥିଲେ। ପରେ ସୂର୍ଯ୍ୟ ଓ ସଚିନ ଏହି ପ୍ଲାନ ସମ୍ପର୍କରେ ଶୁଣି ଋଣ ନେବା କଥାରେ ଅମଙ୍ଗ ହୋଇ କାରରୁ ଓହ୍ଲାଇ ପଡ଼ିଥିଲେ। କିନ୍ତୁ କିଛି ସମୟ ପରେ ବ୍ୟାଗକୁ ଦେଖିବାବେଳେ ସେଥିରେ ୮ହଜାରଟି ୫ଶହ ଟଙ୍କିଆ ଖେଳଣା ନୋଟ ପଡ଼ିରହିଥିବା ଦେଖି ଚିନ୍ତାରେ ପଡ଼ିଥିଲେ। ପରେ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏହି ଘଟଣାରେ ପୁଲିସ ଅଭିଯୋଗକାରି ସୂର୍ଯ୍ୟଙ୍କ ବନ୍ଧୁ ବଦ୍ରିନାଥଙ୍କ ସମେତ ୫ଜଣଙ୍କୁ ଗିରଫ କରିଥିବା ବେଳେ ମହେଶ ବର୍ମା, ଅର୍ନର ଓ କେପି ଆଦି ୩ଜଣ ନଗଦ ୨୮ଲକ୍ଷ ଟଙ୍କା ନେଇ ଫେରାର ଥିବା ପୁଲିସ କହିଛି।

**ଫେରାର ଅଭିଯୁକ୍ତଙ୍କ ନାମରେ ଗିରଫ ପରୱାନା**

## ବିଶ୍ୱ କର୍କଟ ରୋଗ ଦିବସ ପାଳିତ



**ବ୍ରହ୍ମପୁର, ୪।୨(ସମିସ)**

ସ୍ଥାନୀୟ ଗୋଷାଣିନୂଆଗାଁ ଉତ୍ତରେଶ୍ୱର ମନ୍ଦିର ସଭାଗୃହରେ ବରିଷ୍ଠ ନାଗରିକ ବିଚାରମଞ୍ଚ ପକ୍ଷରୁ ରବିବାର ବିଶ୍ୱ କର୍କଟ ରୋଗ ଦିବସ ଅବସରରେ ଏକ ସଚେତନ ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଇଂ. ପ୍ରଫୁଲ୍ଲ କୁମାର ପାତ୍ରଙ୍କ ନେତୃତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବରିଷ୍ଠ ଡା. ନକୁଳ ସାହୁ ଉପସ୍ଥିତ ରହି ବାର୍ଦ୍ଧକ୍ୟରେ ପ୍ରୋଷ୍ଟେଟ, ଗର୍ଭାଶୟ, ମୁଖ, ସ୍ତନ ଓ ଯେଉଁମାନେ ତମାଖୁ, ମଦ୍ୟ ସେବନ କରୁଛନ୍ତି ସେମାନଙ୍କ ମୁଖ କ୍ୟାନସର ହେବାର ସମ୍ଭାବନା ରହିଛି। ତେଣୁ ଏହା ସେବନ କରିବାକୁ ବାରଣ କରିଥିଲେ। ଏହା ବ୍ୟତିତ ନିରାମିଷ, ସବୁଜ ପନିପରିବା, ଖାଇବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଝାଡ଼ା ପରିଷ୍କାର ପାଇଁ ସବୁବେଳେ ଚେଷ୍ଟା କରିବାକୁ ସଚେତନ କରାଯାଇଥିଲା। କ୍ୟାନସର ଲକ୍ଷଣ ଦେଖାଗଲେ ମାଂସପରୀକ୍ଷା କରି ଶୀଘ୍ର ଚିକିତ୍ସା କରିବାକୁ ଡାକ୍ତର ସାହୁ ପରାମର୍ଶ ଦେଇଥିଲେ। କାଞ୍ଚନକ୍ଷର ଶାଗ, କଖାରୁରସ ପ୍ରତିଦିନ ଖାଇଲେ କ୍ୟାନସର ଅର୍ବୁଦ ନଷ୍ଟ ହୁଏ ବୋଲି ସେ କହିଥିଲେ। ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ଲୋକନାଥ ସାହୁ, କିଶୋର ଚନ୍ଦ୍ର ଚୌଧୁରୀ, ନୀଳାଞ୍ଚଳ ମିଶ୍ର, ଗଙ୍ଗାଧର ପାଢ଼ୀ, ସତ୍ୟ ନାରାୟଣ ସାବତ, ଆପା ସ୍ୱାମୀ, ସୁରେନ୍ଦ୍ର ନାଥ ମହାପାତ୍ର, ଶଙ୍କର ଆଚାର୍ଯ୍ୟ, ଜଗଦୀଶ ସାବତ, ଡି. ଶ୍ରୀନିବାସ, ନରସିଂହ ପାଢ଼ୀ, ବିଶ୍ୱରଞ୍ଜନ ପାତ୍ର ଓ ବିଜୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସତ୍‌ସଙ୍ଗ ବିହାର ପକ୍ଷରୁ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ପାଳିତ

**ବ୍ରହ୍ମପୁର, ୪।୨(ସମିସ)**



ସ୍ଥାନୀୟ ଆମ୍ବପୁଆ ସ୍ଥିତ ବିବେକବିହାର ଠାରେ ରବିବାର ବ୍ରହ୍ମପୁର ସତସଙ୍ଗ ବିହାରର ୨୫ତମ ଶ୍ରୀମନ୍ଦିର ପ୍ରତିଷ୍ଠା ସ୍ମୃତି ମହୋତ୍ସବ ସମେତ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଗେଟବଜାର ସ୍ଥିତ ସତସଙ୍ଗ କେନ୍ଦ୍ରରେ ମହୋତ୍ସବ ପାଳନ କରାଯାଇଥିବା ବେଳେ ଏଥିରେ ଅତିଥିଭାବେ ଏମକେସିଜି ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଡ଼ା. ସନ୍ତୋଷ କୁମାର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଅବସରରେ ପ୍ରାତଃ ସମୟରୁ ଠାକୁରଙ୍କ ପୂଜାର୍ଚ୍ଚନା ସମେତ କେନ୍ଦ୍ରରୁ ଶତାଧିକ ସତସଙ୍ଗ ଅନୁଗାମୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ସ୍ୱତନ୍ତ୍ର ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରି ଆମ୍ବପୁଆ ସ୍ଥିତ ମହୋତ୍ସବ ସ୍ଥଳରେ ପହଞ୍ଚିଥିଲେ। ମହୋତ୍ସବ କମିଟିର ସଭାପତି ବିଜୟ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ବିବେକବିହାର ପରିସରରେ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ଦେଓଘର ଆଶ୍ରମରୁ ଠାକୁର ପରିବାରଙ୍କ ନିର୍ଦ୍ଦେଶକ୍ରମେ ରାଜେଶ ପ୍ରସାଦ ଓ ରାଜେଶ ଖଣ୍ଡେଲୱାଲଙ୍କ ସମେତ ବିଶାଖାପାଟଣାରୁ ବି. ନର୍ସେୟା, ଡ. ବିନାୟକ ମିଶ୍ର, ଶ୍ରୀଧର ସୁନ୍ଦର ମିଶ୍ର ପ୍ରମୁଖ ଯୋଗଦେଇ ଠାକୁରଙ୍କ ବହୁ ନୀତିବାଣୀ ଉପରେ ସୁଚିନ୍ତିତ ମତପ୍ରଦାନ କରିଥିଲେ। ଏଠାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ମୃତିରେ ସ୍ମରଣିକା "ଅର୍ଚ୍ଚନା' ଉନ୍ମୋଚିତ ହୋଇଥିଲା। ସେହିପରି ପର୍ଯ୍ୟାୟକ୍ରମେ ଆୟୋଜିତ ମାତୃ ସମ୍ମିଳନୀରେ ଅତିଥିଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ବିବିଧ ଆଲୋଚନା, ସଧାରଣସଭା, ଡ଼ି.ପି. କର୍ମୀଙ୍କ ଅନୁଭୂତିର ଗଳ୍ପ, ଚିକିତ୍ସକ ସମ୍ମିଳନୀ, ମାତୃ ସମ୍ମିଳନୀ, ଶିଶୁ ସଭା, ସମବେତ ବିନତି ପ୍ରାର୍ଥନା ପ୍ରମୁଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଙ୍ଗିତାଞ୍ଜଳୀ, କୁଚିପୁଡ଼ି ନୃତ୍ୟ(ଆନ୍ଧ୍ର ପ୍ରଦେଶ), ଭଜନ ଓ କୋରସ ପରିବେଷଣ, ଖ୍ୟାତିସମ୍ପନ୍ନ ନୃତ୍ୟଗୁରୁ ଶ୍ରୀ ଶାଶ୍ୱତ ଯୋଶୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ସମେତ କଣ୍ଢେଇ ନାଚ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ବିନିତ ପର୍ଥାନ ସହ କାର୍ଯ୍ୟକ୍ରମ ଉଦଯାପନ ହୋଇଥିଲା। ବ୍ରହ୍ମପୁର ସତସଙ୍ଗ ବିହାରର କୋଷାଧ୍ୟକ୍ଷ ଡ଼.ଏନ ହିମାଂଶୁ ଚୌଧୁରୀ, ସମ୍ପାଦକ ଆଶିଷ କୁମାର ସୁବୁଦ୍ଧି, ବି. ପର୍ଶୟା, ଡ଼ା. ବନମାଳି ସାହୁ, ଶରତ ଜେନା, ପ୍ରତ୍ୟୁଷ ପ୍ରଧାନ, ଏନ. ହରିଶଙ୍କର ଚୌଧୁରୀ, ଚିତ୍ତରଞ୍ଜନ ଦୀକ୍ଷିତଙ୍କ ସମତେ ଜିଲ୍ଲାର ବିଭିନ୍ନ ବ୍ଲକର ବହୁଭକ୍ତ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର କୋଣ ଅନୁକୋଣରୁ ୩୦ହଜାରରୁ ଉର୍ଦ୍ଧ୍ୱ ଭକ୍ତ ସାମିଲ ହୋଇଥିଲେ।

## ନାକାବନ୍ଦୀ ବେଳେ ପୁଲିସକୁ ଦୁର୍ବ୍ୟବହାର, ଯୁବକ ଗିରଫ

**ବ୍ରହ୍ମପୁର, ୪।୨(ସମିସ)**

ନାକାବନ୍ଦୀ ଓ ଯାନବାହାନ ଯାଞ୍ଚବେଳେ କାର୍ଯ୍ୟରତ ପୁଲିସ ଏସଆଇଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିବା ଅଭିଯୋଗରେ ବଡବଜାର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କୋର୍ଟଚାଲାଣ କରିଛି। ଗିରଫ ଯୁବକଜଣକ ହେଲେ ବଡବଜାର ଥାନା ଅଞ୍ଚଳର ବାବୁଲା ଦାସ(୨୫)। ସୂଚନାଯୋଗ୍ୟ ଯେ, ଶନିବାର ସନ୍ଧ୍ୟାରେ ସହରର ବିଭିନ୍ନ ଥାନାପକ୍ଷରୁ ନାକାବନ୍ଦୀ କରାଯାଇଥିଲା। ରାସ୍ତାରେ ଯାତାୟାତ କରୁଥିବା ଗାଡିଯାଞ୍ଚ କରାଯାଇଥିଲା। ସେହିକ୍ରମରେ ବଡବଜାର ଥାନା ପକ୍ଷରୁ ମଧ୍ୟ ଧାନମେରା ସାହି ଛକଠାରେ ଗାଡିଯାଞ୍ଚ କରାଯାଉଥିବା ବେଳେ ଅଭିଯୁକ୍ତ ବାବୁଲା ଏକ ବାଇକରେ ଦ୍ରୁତଗତିରେ ଆସିଥିଲେ। ପୁଲିସ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଶୁଣିନଥିଲେ। ଏପରିକି କାର୍ଯ୍ୟରତ ପୁଲିସ କର୍ମଚାରଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିବା ସହ ବାଇକ ଧକ୍କା କରି ଦେଇଥିଲେ। ଘଟଣାକୁ ନେଇ ଜଣେ ମହିଳା ଏସଆଇ ପ୍ରଣତି ନାୟକ ବଡବଜାର ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାବୁଲାଙ୍କୁ ଗିରଫ କରାଯାଇଥିଲା।

## ଯୌତୁକ ନିର୍ଯାତନା ସହ ସ୍ତ୍ରୀକୁ ଆକ୍ରମଣ ଅଭିଯୋଗ; ସ୍ୱାମୀ ଗିରଫ

**ବ୍ରହ୍ମପୁର, ୪।୨(ସମିସ):** ଯୌତୁକ ନିର୍ଯ୍ୟାତନା ଓ ଆକ୍ରମଣ ମାମଲାରେ ମହିଳା ଥାନା ପୁଲିସ ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ଆଙ୍କୁଲି କାର୍ଜିସାହିର ଟୁଲୁ ନାହାକ(୩୭)। ସେ ଏକ ସରକାରୀ ଶିକ୍ଷାନୁଷ୍ଠାନର ଜଣେ କର୍ମଚାରୀ ବୋଲି ପୁଲିସ ତଦନ୍ତବେଳେ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ରାଜେଶ୍ୱରୀ ନାହାକ ୨୦୧୫ମସିହାରେ ଆଙ୍କୁଲି କାର୍ଜିସାହିର ଟୁଲୁ ନାହାକକୁ ବିବାହ କରିଥିଲେ। ବର୍ତ୍ତମାନ ତାଙ୍କର ୮ବର୍ଷର ପୁଅଟିଏ ରହିଛି। ଗତକିଛି ମାସହେଲା ଟୁଲୁ ଓ ତାଙ୍କ ପରିବାର ଲୋକେ ରାଜେଶ୍ୱରୀଙ୍କୁ ଅଧିକ ଯୌତୁକ ଦାବିକରି ବାପଘର ଲୋକଙ୍କୁ ଟଙ୍କାମାଗିବାକୁ ବାଧ କରିଥିଲେ। ଏପରିକି ବିଭିନ୍ନ ସମୟରେ ଏହାକୁ ନେଇ ଟୁଲୁ ଓ ରାଜେଶ୍ୱରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ୩ଦିନ ପୂର୍ବେ ପୁଣି ଯୌତୁକ ଟଙ୍କା ଆଣିବାକୁ ଦାବି କରି ରାଜେଶ୍ୱରୀଙ୍କୁ ତାଙ୍କ ସ୍ୱାମୀ ଟୁଲୁ ନିର୍ଯ୍ୟାତନା ଦେବା ସହ ଆକ୍ରମଣ କରିଥିଲେ। ଏଥିରେ ରାଜେଶ୍ୱରୀଙ୍କ ବେକ ସମେତ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ସେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଦୁଇଦିନ ଧରି ଚିକିତ୍ସା ହେବାପରେ ଗତ ୩ତାରିଖରେ ଘଟଣାକୁ ନେଇ ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଟୁଲୁ ନାହାକକୁ ଗିରଫ କରି ରବିବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଥିବା ଏଏସଆଇ ଲକ୍ଷ୍ମୀ ଦେହୁରୀ ସୂଚନା ଦେଇଛନ୍ତି।

## ଦକ୍ଷିଣ ଓଡ଼ିଶା ଇତିହାସ ସମାଜର ବାର୍ଷିକ ସମ୍ମିଳନୀ

**ବ୍ରହ୍ମପୁର, ୪।୨(ସମିସ):** ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ରବିବାର ଦକ୍ଷିଣଓଡ଼ିଶା ଇତିହାସ ସମାଜର ୭ମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଇତିହାସ ପ୍ରାଧ୍ୟାପକ ମଦନ ମୋହନ ଦଳାଇ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ଼. ଶିବ ପ୍ରସାଦ ଅଧିକାରୀ ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ତାମିଲନାଡୁ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ପ୍ରଫେସର ଡ଼. ଭଗବାନ ସାହୁ ଯୋଗଦେଇ ଗଞ୍ଜାମ ସମେତ ଦେଶର ବିଭିନ୍ନ ସ୍ଥାନର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମୀକ୍ଷକ ତଥା ଉପସଭାପତି ଡ଼. ଶ୍ୟାମା ପ୍ରସାଦ ମିଶ୍ର ଓ ଡ଼. ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡ଼. ପ୍ରମିଳା ଖାଡଙ୍ଗା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ଼. ଚିତ୍ତରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଦକ୍ଷିଣଓଡ଼ିଶା ଇତିହାସ ସମାଜର ସାଧାରଣ ସମ୍ପାଦକ ଶିବ ପ୍ରସାଦ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଠାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପ୍ରାକ୍ତନ ପ୍ରଫେସର ଡ଼. ରାମଚନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବାର୍ଷିକ ଗବେଷଣା ପତ୍ରିକା ଉନ୍ମୋଚିତ ହୋଇଥିଲା। ମହାବିଦ୍ୟାଳୟ ପକ୍ଷରୁ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ ଓ କୁଳମଣି ଓଝାଙ୍କୁ ସମ୍ମାନିତ କାରାଇଥିଲା। ପରିଶେଷରେ ସମ୍ପାଦିକା ଡ଼. ଅନୀତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ଅଧ୍ୟାପକ ଡ଼. ଆନନ୍ଦ ସେଠୀ, ଡ଼. ରବୀନ୍ଦ୍ର କୁମାର ପଣ୍ଡା, ଅଶୋକ କୁମାର ରଥଙ୍କ ସମେତ ବହୁ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଦେଶାତ୍ମବୋଧ କାର୍ଯ୍ୟକ୍ରମ 'ତ୍ରିରଙ୍ଗା' ଆୟୋଜିତ

ବ୍ରହ୍ମପୁର, ୪।୨(ସମିସ): ସ୍ଥାନୀୟ ଉତ୍କଳ ଆଶ୍ରମର ମୁକ୍ତାକାଶ ରଙ୍ଗମଞ୍ଚରେ ଅଭିନୟ ଜଗତ ତରଫରୁ ସହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାପାଇଁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ "ତ୍ରିରଙ୍ଗା' ଆୟୋଜିତ ହୋଇଯାଇଛି। ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ରାଜ୍ୟ କାଜୁ ନିଗମର ଅଧ୍ୟକ୍ଷ ସୁବାସ ମହାରଣା, ଉପମେୟର ଇ. ବିବେକ ରେଡ୍ଡୀ ଓ ନାଳନ୍ଦାଶ୍ରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ କାଳିଚରଣ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଦେଶ ଓ ଜାତି ପାଇଁ ପ୍ରାଣବଳି ଦେଇଥିବା ସହୀଦମାନଙ୍କୁ ସ୍ମରଣ କରିବା ସହ ଛାତ୍ରଛାତ୍ରୀଙ୍କୁ ଦେଶପ୍ରେମୀ ହେବାକୁ ଆହ୍ୱାନ ଦେଇଥିଲେ। ଅଭିନୟ ଜଗତର ପରିଚାଳକ ରବୀନ୍ଦ୍ର କୁମାର ନାୟକ, ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ଅଶୋକ ବ୍ରହ୍ମା, ସୁଦୀପ ସାହୁ ଓ ଉଷାରାଣୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଆବାହକ ଡ ମିହିର କୁମାର ତ୍ରିପାଠୀ ସଭାରେ ସଭାପତିତ୍ୱ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଦିପ ସାହୁ, ସିଦ୍ଧାର୍ଥ ପାଢ଼ୀ, ନବକିଶୋର ମହାପାତ୍ର, ତ୍ରିପତି ନାୟକ, ଅନିଲ କୁମାର ପାତ୍ର, କୈଳାଶ ପାଣିଗ୍ରାହୀ, ଆପ୍ପା ରାଓ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢ଼ୀ, ପ୍ରଶାସନିକ ଅଧିକାରୀ ବିନୋଦ କୁମାର ବେହେରା ଏବଂ ଛତ୍ରପୁରର କଠଉ ରଣପା ନୃତ୍ୟ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଶତପଥୀଙ୍କୁ ଅଭିନୟ ଜଗତ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ପୂଜ୍ୟପୂଜା ସମିତି ପାଳିଲା ମଧୁବାବୁଙ୍କ ତିରୋଧାନ ଦିବସ



**ବ୍ରହ୍ମପୁର, ୪।୨(ସମିସ)**

ପୂଜ୍ୟପୂଜା ସମିତି ପକ୍ଷରୁ ରବିବାର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ମହାନାୟକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୧ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ସମିତିର ସଭାପତି ବଂଶୀଧର ଭୂୟାଁ ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଗାନ୍ଧୀନଗର ଛକ ସ୍ଥିତ ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ମଧୁବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଠନ ପାଇଁ ଓଡ଼ିଶାବାସୀଙ୍କ ଜୀବନ, ଜୀବିକାକୁ ରକ୍ଷା କରିବା ନିହାତି ପ୍ରୟୋଜନ ରହିଛି ବୋଲି ଏଠାରେ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ହୃଷିକେଶ ପାତ୍ର, ଏସ. କେଶବ ଲିଙ୍ଗମ, ଯୁବନେତା ରମେଶ ଚନ୍ଦ୍ର ବେହେରା, ଶ୍ୟାମସୁନ୍ଦର ଖାଡ଼ଙ୍ଗା, ସମିତିର ସମ୍ପାଦକ ଏସ. ଶାମ୍ବାଶିବା ରାଓ ଓ ଅବନୀ ଗୟା ପ୍ରମୁଖ ଉପସ୍ଥିତ ଥିଲେ।

## ଟିମ୍ କ୍ଲିନ୍ ସିଟି ପକ୍ଷରୁ ମଧୁବାବୁଙ୍କ ଶ୍ରାଦ୍ଧ ଦିବସ

**ବ୍ରହ୍ମପୁର, ୪।୨(ସମିସ)**

ଦକ୍ଷିଣଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଟିମ କ୍ଲିନ ସିଟି ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦସଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ତଥା ଓଡିଆ ଭାଷା ସାହିତ୍ୟର ଅନ୍ୟତମ କର୍ଣ୍ଣଧାର ମଧୁ ବାରିଷ୍ଟରଙ୍କର ୯୧ତମ ତିରୋଧାନ ଦିବସରେ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି। ଟିମ କ୍ଲିନ ସିଟି ପକ୍ଷରୁ ସମସ୍ତ ସଦସ୍ୟ ସ୍ଥାନୀୟ ଗାନ୍ଧୀନଗର ଛକ ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟକୁ ଯାଇ ସେଠାରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ।



# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ





**ଗଞ୍ଜାମ,୪।୨(ସମିସ):** ପ୍ରଥମ ବିଶ୍ୱ ଓଡ଼ିଶା ଭାଷା ସମ୍ମିଳନୀ ୨୦୨୪ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଞ୍ଜାମ ବ୍ଲକ ତରଫରୁ ସ୍ଥାନୀୟ ଭାରତୀ ବିଦ୍ୟାପୀଠ ସଭା ଗୃହରେ ଆୟୋଜିତ ହୋଇଯାଇଛି। ବିଶିଷ୍ଟ କବି ତଥା ଶିକ୍ଷା ପ୍ରଶିକ୍ଷକ ଜୟନ୍ତୀ ବେହେରା ମୁଖ୍ୟ ଅତିଥି, ଗଞ୍ଜାମ ବ୍ଲକ ପ୍ରେସ କ୍ଲବ ସଭାପତି ଶବର ତରେଇ ସ୍ୱତନ୍ତ୍ର ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ସଭାପତି, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ ଚନ୍ଦ୍ର ବେହେରା ଓ ସଂଯୁକ୍ତା ବେହେରା ଆବାହକ ରୂପେ ମଞ୍ଚାସୀନ ହୋଇ ଭାଷାର ସୁରକ୍ଷା ଏବଂ ପ୍ରସାର ଉପରେ ଆଲୋକପାତ କରିଥିଲେ। ଆଞ୍ଚଳିକ ସାହିତ୍ୟିକ ପ୍ରତିଭା ରୂପେ କବି ଅଞ୍ଜନା ବେହେରା, କବି ସନ୍ଧ୍ୟା ରାଣୀ ଦେବୀ, ଶିଶୁ ଲେଖିକା ବାସନ୍ତୀଲତା ସ୍ୱାଇଁ, କବି ପ୍ରିୟଙ୍କା ମହାପାତ୍ର, ଗାଳ୍ପିକା ବିଦ୍ୟୁତ ଲତା ମିଶ୍ର, ନାଟ୍ୟକାର ନିରଞ୍ଜନ ମୁଦୁଲି, ନାଟ୍ୟକାର ବସନ୍ତ ସାସମଲ, ଶିଶୁ ଲେଖକ ଓ ପ୍ରାବନ୍ଧିକ ଶେଷଦେବ ବେହେରା, କବି ଗୋପାଳକୃଷ୍ଣ ବେହେରା, ଗୀତିନାଟ୍ୟ ଲେଖକ ଏନ୍ ଯୋଗେଶ ପ୍ରଧାନ ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା। ତତ୍ ସହ ପ୍ରତ୍ୟେକ କ୍ଲଷ୍ଟରରୁ ପାଞ୍ଚ ଜଣ ଯାଏଁ ଭାଗନେଇଥିବା ୬୦ ଛାତ୍ରଛାତ୍ରୀ ଭାଗ ନେଇ ଅତିଥିଙ୍କ ଗହଣରୁ ମାନପତ୍ର ପାଇଥିଲେ। ଆକାଶ ବେହେରା, ତାପସ ସାହୁ, ଆରେସ ସାହୁ, ଦେବଦତ୍ତ ସ୍ୱାଇଁ, କୁମକୁମ ନାହାକ, ପ୍ରଲିପ୍ତା ପ୍ରିୟଦର୍ଶନୀ ପ୍ରଧାନ ପ୍ରମୁଖ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ ଯୋଗ୍ୟ ବିବେଚିତ ହେଲେ। କାର୍ଯ୍ୟକ୍ରମକୁ ପୂର୍ବତନ ସିଆରସିସି ଦାମୋଦର ପଣ୍ଡା ଓ ରବି ସେଠୀ, ଶିକ୍ଷକ ଶେଷଦେବ ବେହେରା ଓ ବିପ୍ର ଚରଣ ସାହୁ ଏବଂ ସବୁ କ୍ଲଷ୍ଟରର ସିଆରସିସି ମାନେ ସଫଳତାର ଆୟୋଜନ କରିଥିଲେ।

### ରମ୍ଭା

ରମ୍ଭା ଏନଏସି ତରଫରୁ ନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ଅଧକ୍ଷତାରେ "ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪' ବାଲୁଙ୍କେଶ୍ୱର ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପ ରେ ଅନୁଷ୍ଠିତ ହୋଇଯାଇଛି। ବିଚାରକ ଭାବେ ଶ୍ରୀଜଗନ୍ନାଥ କନିଷ୍ଠ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରସନ୍ନ କୁମାର ମିଶ୍ର, ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସ୍ମୃତି ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସମ୍ପାଦକ କବି ପଞ୍ଚାନନ ଖଟୁଆ, ରମ୍ଭା ସାହିତ୍ୟ ଘରର ସମ୍ପାଦକ ଶିକ୍ଷକ ଶେଷଦେବ ବେହେରା ପ୍ରମୁଖ ଯୋଗଦେଇ "ଭାଷା ଅତୀତର ଅସ୍ତିତ୍ୱ ଓ ଭାଷା ହିଁ ଭବିଷ୍ୟତ' ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରମ୍ଭା ଏନଏସି ଅନ୍ତର୍ଗତ ସମସ୍ତ ସରକାରୀ ବେସରକାରୀ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସୋମବାର କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିବାକୁ ଅନୁଷ୍ଠାନ ତରଫରୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମକୁ ଡ. ସରୋଜକାନ୍ତ ଦାଶ, ସୁକାନ୍ତ କୁମାର ମହାରଣା, ସଙ୍ଗମ ଚୌଧୁରୀ, ସର୍ବନମ ଦାଶ, ଶୁଭଶ୍ରୀ ତ୍ରିପାଠୀ, ଜ୍ୟୋତି ଦୋରା, ପ୍ରଭାସିନୀ ନାୟକ, ମନୋଜ କୁମାର ସେନାପତି, ମନୋଜ ପାଇକରାୟ ଓ ପ୍ରମୋଦିନୀ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

## କ୍ରାନ୍ତିବାଲିରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



**ଫିରିଙ୍ଗିଆ,୪।୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କ୍ରାନ୍ତିବାଲି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପଡିଆରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଲକ୍ଷ୍ମୀ କହଁରଙ୍କ ଅଧକ୍ଷତା ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଟାଇଟସ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସାଂସଦ ପ୍ରତିନିଧି ବିଷ୍ଣୁଚରଣ ମଲିକ, କୁଇସମାଜ ସଭାପତି ଲିଙ୍ଗରାଜ କହଁର, ପୂର୍ବତନ ବିଜେଡି ସଭାପତି ନିରଞ୍ଜନ ଦିଗାଲ, ସମିତିସଭ୍ୟା ଚିଙ୍କି କହଁର, ୱାଲନ୍ଦାପଡା ସରପଞ୍ଚ ନିରାକାର ନାଏକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ନାଏବ ସରପଞ୍ଚ ଦାମୋଦର କହଁର ପରିଚାଳନା କରିଥିବା ବେଳେ ଗ୍ରାମ ରୋଜଗାର ସେବକ ମାନସରଞ୍ଜନ ସାହୁଙ୍କ ସହ ପଞ୍ଚାୟତର ସମସ୍ତ ୱାର୍ଡର୍ ସଭ୍ୟ, ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ଅନ୍ୟମାନେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଧାରିତ ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଆଶା, ଅଙ୍ଗନବାଡ଼ି କର୍ମୀ, ସିଆରପି ଓ ଏମବିକେ ବାଲ୍ୟବିବାହ ସମ୍ପର୍କରେ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। କାଶିନୀପଦର ଗାଁର ଦଣ୍ଡ କଳାକାର କଶ୍ୟପ ଖମାରି ଓ ତାଙ୍କ ସାଥି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଦଣ୍ଡ କଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ଛତ୍ରପୁର,୪।୨(ସମିସ):** ଭିକାରିପଲ୍ଲୀ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମ ସରପଞ୍ଚ ମମତା ସୁବୁଦ୍ଧିଙ୍କ ସଭାପତିତ୍ୱ ଏବଂ ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଓ ମଥୁରା ଚରଣ ସୁବୁଦ୍ଧିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ସାରଦା ରେଡ୍ଡୀ, ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ଫାଇନାନ୍ସ ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା, ଭିକାରୀପଲ୍ଲୀ ସମିତି ସଭ୍ୟା ଏନ. କାନ୍ତାମ୍ମା ପାତ୍ର, ଯୁବ ନେତା ଏନ. ମୁନା ପାତ୍ର, ବାପି ଦାସ, ମାଗୁଣି ବିଷୋୟୀ, କିଶୋର ବେହେରା, ବିସିସି ବ୍ୟାଙ୍କ ଡାଇରେକ୍ଟର ଦୁର୍ଯ୍ୟୋଧନ ପରିଡା, ୧୯ନଂ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ, ଛତ୍ରପୁର ବ୍ଲକ ଯୁବ ବିଜେଡି ସଭାପତି କାଳିଆ ନାହାକଙ୍କ ସମେତ ବହୁ ଜନପ୍ରତିନିଧି ଯୋଗଦେଇଥିଲେ।

### ସୋରଡ଼ା

'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଜରିଆରେ ପ୍ରଥମ ପର୍ଯ୍ୟାୟରେ ୨ନଂ ୱାର୍ଡରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପରିଷଦର ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ଉପାଧ୍ୟକ୍ଷା ଭାଗ୍ୟଲତା ଡାକୁଆ, ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା, କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱିତୀକୃଷ୍ଣ ପାତ୍ରଙ୍କ ସହିତ ଏନ୍ଏସିର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଜ୍ୟୋତିନ୍ଦ୍ର କୁମାର ତ୍ରିପାଠୀ



ପରିଚାଳନା କରିଥିଲେ। ବ୍ଲକ ବିଜେଡି ସଭାପତି ତଥା ଆସ୍କା ସମବାୟ ବ୍ୟାଙ୍କ ସୋରଡ଼ା ନିର୍ଦ୍ଦେଶକ ବସନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାହିତ୍ୟ ଆଲୋଚନାଚକ୍ର



**ସାନଖେମୁଣ୍ଡି,୪।୨(ସମିସ):** ସାନଖେମୁଣ୍ଡି ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ କଳା ସଂସ୍କୃତି ସାହିତ୍ୟ ଭିତ୍ତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବୈଜୟନ୍ତୀ ମୁଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ବ୍ଲକ ଅଧକ୍ଷ ସିମାଞ୍ଚଳ ପାତ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିନାୟକ ଦାଶଙ୍କ ସଂଯୋଜନାରେ ସାନଖେମୁଣ୍ଡି ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ସାହିତ୍ୟ ଆସରର ଓଡ଼ିଆ ଭାଷା ସାହିତ୍ୟର ଅତୀତ ଓ ଭାଷା ସାହିତ୍ୟ ସ୍ୱାଧୀନତା ସଂଗ୍ରାମରେ ଖେମୁଣ୍ଡିର ଅବଦାନ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଗବେଷକ ଡ଼ ଅନନ୍ତରାମ କର କୌଣ୍ଡିନ୍ୟ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ସମାଦୃଷ୍ଟି କାର୍ଯ୍ୟନିର୍ବାହୀ ସମ୍ପାଦକ ବିଘ୍ନେଶ୍ୱର ସାହୁ, ପ୍ରଫୁଲ୍ଲ ତ୍ରିପାଠୀ, ବ୍ଲକ୍ ଉପାଧ୍ୟକ୍ଷା ରିଙ୍କି ନାହାକ, ଜିଲ୍ଲା ପରିଷଦ ସଭ୍ୟ ବିଜୟ ପ୍ରଧାନ, ସଭ୍ୟା ସୁଲତାରାଣୀ ସ୍ୱାଇଁ, ମାମାନି ପାତ୍ର କବି ବୃନ୍ଦାବନ ପଣ୍ଡା, ଗଜାନନ ତ୍ରିପାଠି ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ରାମଚନ୍ଦ୍ର ପଣ୍ଡା ଗୋଷ୍ଠି ସାମାଜିକ ସୁରକ୍ଷା ଅଧିକାରୀ ରମାକାନ୍ତ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଶିବରାମ ସାବତ ସୁରଭୀରାଣୀ ନାୟକ ସମ୍ଭବ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ଗଜାନନ ମିଶ୍ର ସଦାଶିବ ପାଢ଼ୀ ରୋହିତ ଜେନା ବୃନ୍ଦାବନ ବାଡତ୍ୟା ବିଚିତ୍ର ଦୋରା ବେଣୁଧର ତ୍ରିପାଠୀ ଲିଙ୍ଗରାଜ ଜେନା ପ୍ରଶାନ୍ତ ଅଚାରି ସୁରେଶ ନାୟକଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର




**ବେଲଗୁଣ୍ଠା,୪।୨(ସମିସ):** ବେଲଗୁଣ୍ଠା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆତ୍ମ ସୁରକ୍ଷା ତାଲିମ ଶିବିର ଅଧ୍ୟକ୍ଷ ଡ଼ଃ ରଞ୍ଜନ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଉଦଘାଟିତ ହୋଇଯାଇଛି। ଏହି ଦିବସରେ ଅଧ୍ୟକ୍ଷ ଶ୍ରୀ ପ୍ରଧାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ରୂପେ ରସାୟନ ବିଜ୍ଞାନର ଅଧ୍ୟାପକ ତଥା ପୂର୍ବତନ ଅଧ୍ୟକ୍ଷ ଯୋଗ ଦେଇଥିବାବେଳେ ବକ୍ତା ଭାବେ ବିଜ୍ଞାନ ବିଭାଗର ଅଧ୍ୟାପକ ବୀରେନ୍ଦ୍ର ନାଥ ମହାପାତ୍ର ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ପୋଲେଇ ସଂଯୋଜକ ଭାବେ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଆତ୍ମରକ୍ଷା ତାଲିମ ପ୍ରାପ୍ତ ମାଷ୍ଟର ଟ୍ରେନର ରୀନା ଖଟାଇ ଓ ଇତିଶ୍ରୀ ସ୍ୱାଇଁ ଯୋଗ ଦେଇ ଆତ୍ମସୁରକ୍ଷା ତାଲିମ ଶିବିରର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷା ବିଭାଗର ଡେମନଷ୍ଟ୍ରେଟର ହେମନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱନାଥ ଡାକୁଆ, ପ୍ରଶାନ୍ତ କୁମାର ପ୍ରଧାନ, ଟି. ଦିଲ୍ଲୀ କୁମାର ପାତ୍ର ସହଯୋଗ କରିଥିଲେ।

# ବିଜୁ ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



**ଜି.ଉଦୟଗିରି,୪।୨(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ବ୍ଲକ ରଟିଙ୍ଗିଆ ପଞ୍ଚାୟତର ବହୁ ଦିନର ଆଶା ପୂରଣ ହେବାକୁ ଯାଉଛି। ଦଦଲାକୁଟି ରଟିଙ୍ଗିଆ ମାଦି ଯୋଡି ନଦୀ ଉପରେ ସେତୁ ନିର୍ମାଣ ହେବ। ଏଥିରେ ଆଖପାଖ ୧୦ ଗ୍ରାମର ହଜାର ହଜାର ଲୋକେ ଉପକୃତ ହେବେ। ଶନିବାର ଉପବାଚସ୍ପତି ସାଲୁଗା ପ୍ରଧାନ ଦଦଲାକୁଟି-ରଟିଙ୍ଗିଆ ମାଦି ଯୋଡ଼ି ନଦୀ ଉପରେ "ବିଜୁ ସେତୁ' ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉକ୍ତ ସେତୁ ନିର୍ମାଣ ନିମନ୍ତେ ୬ କୋଟି ୫୦ ଲକ୍ଷ ୯୩ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଠିକାଦାର ଗିରିଶ ଚନ୍ଦ୍ର ସାହୁ ଏହାର କାର୍ଯ୍ୟାଦେଶ ପାଇଛନ୍ତି। ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଉପାଧ୍ୟକ୍ଷ ଏନ.ଲୁକ, ଏନ୍ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ଜିଲ୍ଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, ବକ୍ସି ମଲ୍ଲିକ, ମାଲ୍ୟବନ୍ତ କହଁର, ଉଦୟନାଥ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ।

## ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ



**ସାନଖେମୁଣ୍ଡି,୪।୨(ସମିସ):** ସାନଖେମୁଣ୍ଡି ବ୍ଲକ ମିଶନ ଶକ୍ତି ଆନୁକୂଲ୍ୟରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ୨୫ ଜଣ ମହିଳା ସ୍ୱରଚିତ କବିତା ପାଠ କରିଥିଲେ। ବିଚାରକ ଭାବେ ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ର, ଭାରପ୍ରାପ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ପୁଷ୍ପାଞ୍ଜଳି ସାହୁ, ସୁପରଭାଇଜର ମମତା ଦେବୀ, ମମତା ପଣ୍ଡା, ବିପିଏମ୍ ନରେନ୍ଦ୍ର ତ୍ରିପାଠୀ, ବିପିସି ଦୁର୍ଯ୍ୟୋଧନ ମଲ୍ଲିକ ଯୋଗଦେଇ ମୂଲ୍ୟାୟନ କରିଥିଲେ। ଶିବାନୀ ରେଡ଼ି ( ପ୍ରଥମ ), ରୋଜାଲିନି ପାତ୍ର ( ଦ୍ୱିତୀୟ) ଏବଂ ରଶ୍ମିତା ପରିଚ୍ଛା (ତୃତୀୟ) ସ୍ଥାନ ପାଇଥିଲେ। ସମସ୍ତ ୨୫ ଜଣ ପ୍ରତିଯୋଗୀଙ୍କୁ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କମ୍ୟୁନିଟ ଷ୍ଟାପ, ବିଏଲ୍ ଏଫ୍ ସଭାପତି କେ ଲକ୍ଷ୍ମୀ ଦୋରା, ସମ୍ପାଦକ ବବିତା ବେହେରା, ଏମବିକେ ସ୍ୱପ୍ନା ଗୌଡ଼, ଲକ୍ଷ୍ମୀ ଗୌଡ଼, ସୁଚିତ୍ରା ପାଣିଗ୍ରାହିଙ୍କ ସମେତ ମହିଳା ଗୋଷ୍ଠୀର ସଦସ୍ୟା ମାନେ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ଖଲ୍ଲିକୋଟ,୪।୨(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଓଡ଼ିଆ ଆଲପୁର ଗ୍ରାମରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଖଲ୍ଲିକୋଟ ବିଡ଼ିଓ ଦେବାଶିଷ ସାମଲ, ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ଜିଲ୍ଲା ପରିଷଦ ସଭ୍ୟ ବିନାୟକ ଜାଲି, ଏମପି ପ୍ରତିନିଧି ରତ୍ନାକର ସାହୁ, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ରାମମୋହନ ପଣ୍ଡା, ଓଡ଼ିଆ ଆଲପୁର ସରପଞ୍ଚ ଏମ୍. ଚିଲିକା ପାତ୍ର, ସରପଞ୍ଚ ପ୍ରତିନିଧି ଏମ୍. ତ୍ରିନାଥ ପାତ୍ର, ନାଏବ ସରପଞ୍ଚ ନବଘନ ତରେଇ, ଖଲ୍ଲିକୋଟ ବ୍ଲକ ଯୁବ ବିଜେଡ଼ି ସଭାପତି ଦୟାନିଧି ସାହୁ, ବ୍ଲକ ମହିଳା ବିଜେଡ଼ି ସଭାନେତ୍ରୀ ମିତାଞ୍ଜଳି ମିଶ୍ର, କୈରାଶିର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ସାହୁ, ପଥରାର ପୂର୍ବତନ ସରପଞ୍ଚ ବନମାଳୀ ୱାଲା, ଯୁବନେତା ବୁଲୁ ତରେଇ ଏବଂ ଓଡ଼ିଆ ଆଲପୁର ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ୟାଙ୍କ ମିତ୍ର ଭାବେ ଝିଲ୍ଲୀ ଗୌଡ଼ ଭଲ ପ୍ରଦର୍ଶନ କରିଥିବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଏକ ଲାପଟପ ବିଧାୟିକା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏମବିକେ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀଙ୍କ ସହ ସ୍ଥାନୀୟ ବାସିନ୍ଦା ମାନେ ଉପସ୍ଥିତ ଥିଲେ।

## ରଣପାଟୁଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଖଜୁରୀପଡା,୪।୨(ସମିସ):** କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଆର.ନୁଆଗାଁ ରଣପାଟୁଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ସରୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ଖଜୁରୀପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନିମା କହଁର, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଉର୍ବଶୀ ଦିଗାଲ, ସରପଞ୍ଚ ସ୍ୱର୍ଣ୍ଣଲତା କହଁର, ଜିଲ୍ଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଉମେଶ ଚନ୍ଦ୍ର ପ୍ରଧାନ, ଦେବେନ୍ଦ୍ରନାଥ ପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପିତାମ୍ବର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କହଁର ଏବଂ ବରିଷ୍ଠ ନାଗରିକ ଗୌତମ ପ୍ରଧାନ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପ୍ରଧାନ ଶିକ୍ଷକ ବିବରଣୀ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଖେଳ, ସଂଗୀତ, ହସ୍ତାକ୍ଷର ଏବଂ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିବା ବେଳେ ଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପଦ୍ମିନୀ ପାଳ ମଞ୍ଚ ପରିଚାଳନା କରିଥିବା ବେଳେ ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଲାମୁଣ୍ଡୁଳା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



**ବୁଗୁଡ଼ା,୪।୨(ସମିସ):** ସ୍ଥାନୀୟ ଗୋଲାମୁଣ୍ଡୁଳାପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନ୍ତରପଡା ଏମ୍ଇ ସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ଜେନା, ମୁଖ୍ୟବକ୍ତା ଭାବେ ସିଆରସିସି କିରଣ ବାଳା ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଏସ୍ଏମସି ସଭାପତି କବିରାଜ ଗୌଡ଼ ଓ ଅବସରପ୍ରାପ୍ତ ଏବିଇଓ ପିତାମ୍ବର ବିଷୋୟୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ତପୂରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ମଧୁସ୍ମିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର



**ବେଲଗୁଣ୍ଠା,୪।୨(ସମିସ):** କ୍ଷତ୍ରିୟବରପୁରସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମଧ୍ୟମିକ ବିଦ୍ୟାଳୟରେ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଜଗନ୍ନାଥ ସଂସ୍କୃତି ପ୍ରବଚକ ଅନ୍ନଦା ତ୍ରିପାଠୀ ମୁଖ୍ୟଅତିଥି ତଥା ଆଲୋଚକ ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ନୋଡାଲ ଅଧିକାରୀ ଦେବେଶ ଚନ୍ଦ୍ର ମହାପାତ୍ର ସଂଯୋଜନା କାରିଥିଲେ। ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ନୋଡାଲ ଅଧିକାରୀ ତ୍ରିନାଥ ବେହେରା ସ୍ୱାଗତ ଭାଷଣ ପ୍ରଦାନ ସହ ଅତିଥି ମାନଙ୍କର ସମ୍ବର୍ଦ୍ଧନା କାର୍ଯ୍ୟ ସମ୍ପାଦନ କରିଥିଲେ। ଆଲୋଚକ ଅନ୍ନଦା ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଶିକ୍ଷକ ଶିଶିର କୁମାର ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଯଥାକ୍ରମେ ରୁନିୱାଲା ତ୍ରିପାଠୀ, ଦିପୁ ଭୂୟାଁ, ପି ଦିପକ ରାଓ, ଗଙ୍ଗାଧର ରଣା, ବିଭୂତି ଗୌଡ଼, ସୌମେନ୍ଦୁ ପଣ୍ଡା, ପ୍ରଦୀପ ଦିଗାଲ, ଗାଙ୍ଗୁଲି ପାଲଟାସିଂ, ଜୟଶ୍ରୀ ସେଠି, ଭାରତୀ ବିଶ୍ୱାଳ, ସୁଶାନ୍ତ କୁମାର ଲେଙ୍କା, ମହେଶ୍ୱର ଗୌଡ଼, ପଦ୍ମ ଚରଣ ନାୟକ, ରମେଶ ଚନ୍ଦ୍ର ବିଶୋୟୀ, ସନ୍ତୋଷ କୁମାର ବିଷୋୟୀ, ସନ୍ତୋଷ କୁମାର ବିଶ୍ୱାଳ ଏବଂ ରାମଚନ୍ଦ୍ର ନାୟକ ସହଯୋଗ କରିଥିଲେ।

## ଭାଷା ସୃଜନଶୀଳତା କାର୍ଯ୍ୟକ୍ରମ

**ରମ୍ଭା, ୪ ।୨(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝାରେଡି ରାଧାଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଆର୍.ବିଞ୍ଝଣାପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ସୃଜନଶୀଳତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ସାମୂହିକ ଗାନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଉପାଧ୍ୟକ୍ଷ ରୋହିତ ବେହେରା, ସମ୍ମାନିତ ଅତିଥି ଭାବେ ବରିଷ୍ଠ କଳାକାର ଯୋଗେନ୍ଦ୍ର ବେହେରା, ୱାର୍ଡ ମେମ୍ବର ତ୍ରିଫୁଲ ବେହେରା, ଅଙ୍ଗନବାଡ଼ି କର୍ମୀ ଆରତୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ଭାଷା ହିଁ ଓଡ଼ିଆ



ଅସ୍ମିତାର ପରିଚୟ ବୋଲି ମତବ୍ୟକ୍ତ କରିଥିଲେ । ଭାଷା ଦକ୍ଷତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସହକାରୀ ଶିକ୍ଷକ ଶେଷଦେବ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ଗ୍ରାମବାସୀ, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀ କର୍ମତତ୍ପର କର୍ମଶାଳା

**ଦିଗପହଣ୍ଡି, ୪ ।୨(ସମିସ):** ଦିଗପହଣ୍ଡି ଏନ୍‌ଏସି ସମ୍ମିଳନୀ କକ୍ଷରେ ଶନିବାର ୪ ନମ୍ବର ୱାର୍ଡସ୍ତରୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ତଥା 'ମୁକ୍ତା' ଯୋଜନା ଉପରେ ସଚେତନତା ଉଦ୍ଦେଶ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଯୁଗ୍ମ ଶାସନ ସଚିବ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏନ୍‌ଏସି ପ୍ରକଳ୍ପ ସଂଯୋଜକ ବି. ତୁଷାରକାନ୍ତ ଏବଂ ହିସାବ ରକ୍ଷକ ହିମାଂଶୁ ପାଢ଼ୀଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ଏବଂ ସିଏମଏମ ଶଶୀଭୂଷଣ ଦତ୍ତ ଅତିଥି ଭାବେ ଉପସ୍ଥିତ ଥିଲେ । ଅନିତା ବେହେରା ଏବଂ ବିଜୟଲକ୍ଷ୍ମୀ ପାଣିଗ୍ରାହୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟକର୍ତ୍ତା ଏବଂ ସଭ୍ୟାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏନ୍‌ଏସିର ସମସ୍ତ କର୍ମଚାରୀ ସହାୟତା କରିଥିଲେ ।

## ଶେଷହେଲା ମହିଳାଙ୍କ ସିଲେଇ ତାଲିମ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୪ ।୨(ସମିସ):** ପାରଳଖେମୁଣ୍ଡି ସ୍ଥିତ ୟୁନିୟନ ଗ୍ରାମ୍ୟ ଆତ୍ମ ନିଯୁକ୍ତି ପ୍ରଶିକ୍ଷିଣ ଅନୁଷ୍ଠାନ ଦ୍ୱାରା ମହିଳାଙ୍କୁ ଦିଆଯାଉଥିବା ସିଲେଇ ତାଲିମ କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଛି । ୩୦ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାର ବିଭିନ୍ନ ପଞ୍ଚାୟତର ୩୫ ଜଣ ମହିଳା ତାଲିମ ନେଇଥିଲେ ।




ଉଦଯାପନ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ନିଯୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷିଣ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରବଣ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ଏଥିରେ ଅନୁଷ୍ଠାନର ପାଠ୍ୟ ସଂଯୋଜକ ପ୍ରଦୀପ କୁମାର ଦାସ ଏବଂ ମହିଳା ସିଲେଇ ପ୍ରଶିକ୍ଷିକା ଏ.ୱାଲାମଣି ଆଚାରୀ ଉପସ୍ଥିତ ଥିଲେ । ଶେଷରେ ଅନୁଷ୍ଠାନର ପ୍ରାଧାପକ ଦିଲୀପ କୁମାର ତନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ସାନଖେମୁଣ୍ଡି, ୪ ।୨(ସମିସ): ପୋଡ଼ାମାରିସ୍ଥିତ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଇ. ପ୍ରଦୀପ କୁମାର ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ସଂଯୋଜକ ଭାବେ ଦମୟନ୍ତୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ମୁଖ୍ୟ ଅତିଥି ଭାବେ ଡ. ଶାନ୍ତନୁ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୋଡ଼ାମାରି ଫାଣ୍ଡି ଅଧିକାରୀ ପରମେଶ୍ୱର ମଲ୍ଲିକ, ଅଧ୍ୟାପକ ସତ୍ୟ ଶରଣ ପାଠି ଯୋଗ ଦେଇଥିଲେ । ମାଷ୍ଟର ଟ୍ରେନର ଭାବେ ରିନା ପ୍ରଦାନ ଓ ଜସ୍ମିନି ସାହୁ ଶିବିର ପରିଚାଳନ କରିବା ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧିକାରୀ ଓ ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ । ଅଧ୍ୟକ୍ଷ ଶ୍ରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ମୋହନା, ୪।୨(ସମିସ):** ଗଜପତି ଜିଲ୍ଲା ମୋହନା ହିଲ୍‌ଟପ୍ ସ୍ନାତକ ମହାବିଦ୍ୟାଳୟରେ ଚାଲିଥିବା 'ନୂଆ-ଓ' କାର୍ଯ୍ୟକ୍ରମରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।



ମହାବିଦ୍ୟାଳୟ ଅଧ୍ୟକ୍ଷ ଶୁଭ୍ରାକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡ. ଅନ୍ତର୍ଯ୍ୟାମୀ ଗୌଡ଼ ଯୋଗଦେଇ ଓଡ଼ିଆ ଭାଷାର ଗୌରବମୟ ଇତିହାସ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ପ୍ରଣବାନନ୍ଦ ପାଟ୍ଟଯୋଶୀଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ





**ଛତ୍ରପୁର,୪ ।୨(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ରଘୁନାଥ ସ୍ଥିତ ମା' ଗୋଜବାୟାଣୀ ମନ୍ଦିର ନିକଟରେ ନରେନ୍ଦ୍ରପୁର ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା'କାର୍ଯ୍ୟକ୍ରମ ପୂର୍ବତନ ସମିତି ସଭ୍ୟ ଜ୍ୟୋତି ରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ପୁସ୍ତିକା ଉନ୍ମୋଚନ ହୋଇଥିଲା । ଏଥିରେ ରାଜ୍ୟ କୃଷି ବିପଣନ ନିଗମ ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ନରେନ୍ଦ୍ରପୁର ସମିତି ସଭ୍ୟା ବି. ସୋନାଲି ସେନାପତି, ଯୁବନେତା ବି. ଅଲିଅଳ ସେନାପତି, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଅମିତା ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ମୁନା ଦାସ ଓ ଏସ. କିଶୋର ରେଡ୍ଡୀ, ଶ୍ରମିକ ନେତା ଶଙ୍କରପ୍ରସାଦ ଦାଶ, ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ସୁଶାନ୍ତ କୁମାର ସାହୁ ଓ ଅଶୋକ ପାଣିଗ୍ରାହୀ, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ବିଜୟ ପଣ୍ଡା, ଜଗନ୍ନାଥ ସାବତ, ବିସିସି ବ୍ୟାଙ୍କ ଡାଇରେକ୍ଟର ଦୁର୍ଯ୍ୟୋଧନ ପରିଡ଼ା, ଏନ ରାଜୁଲୁ ରେଡ୍ଡୀ, ଆଇନଜୀବୀ ମନୋଜ କୁମାର ପାଢ଼ୀ ଓ ପି. ଧର୍ମା ରେଡ୍ଡୀ, ପିଇଓ ଦଣ୍ଡପାଣି ପ୍ରଧାନ, ଜିଆରଏସ ରଶ୍ମିତାଙ୍କ ସମେତ ବହୁ ଜନ ପ୍ରତିନିଧି, ମିଶନ ଶକ୍ତିର ମହିଳା, ଭଦ୍ର ବ୍ୟକ୍ତି ଏବଂ ଜନ ସାଧାରଣ ଯୋଗଦେଇଥିଲେ । ଏହି ଅବସରରେ ସମାଜସେବୀ ଗଣପତି ସାହୁଙ୍କ ସମେତ ପଞ୍ଚାୟତର ସମସ୍ତ ଭଦ୍ର ବ୍ୟକ୍ତି ମାନଙ୍କୁ ସମ୍ମାନୀତ କରାଯାଇଥିଲା ।

**ସୋରଡ଼ା:** ସୋରଡ଼ା ବ୍ଲକର ବଦବଦାଙ୍ଗୀ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମିତି ସଭ୍ୟ ବିସିକେସନ ଗୌଡ଼, ସରପଞ୍ଚ ସଂଯୁକ୍ତା ମାଲିକଙ୍କ ଅଧକ୍ଷତା ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ଖାଡଙ୍ଗାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ବିକାଶ ଅଧିକାରୀ ସରୋଜିନୀ ବେହେରା, ପୂର୍ବତନ ସରପଞ୍ଚ ଲଡ୍ଡୁ କିଶୋର ଗୌଡ଼, ମହେନ୍ଦ୍ର ଚନ୍ଦ୍ର ସାହୁ, ବାଲେଶ୍ୱର ଗୌଡ଼ ଆଦି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ।ଏହି ପରି ପ୍ରେକ୍ଷୀରେ ଗ୍ରାମ୍ୟ କମିଟି ସଭାପତି, ନାରୀ ନେତ୍ରୀ ଓ ସମାଜ ସେବୀ ଆଦିଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସ୍ଥାନୀୟ କଳାକାର ମାନଙ୍କ ସଚେତନ ଧର୍ମୀ ବାର୍ତ୍ତା ସମସ୍ତଙ୍କୁ ବହୁ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ।

**ଶେରଗଡ଼:** ଶେରଗଡ଼ ବ୍ଲକ ଅନ୍ତର୍ଗତ ତାକରଡ଼ା ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଆନୁକୂଲ୍ୟରେ ପଞ୍ଚାୟତସ୍ତରୀୟ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି କାହ୍ନୁ ଚରଣ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ସେଠୀ, ସମାଜସେବୀ ଅବନୀ କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ ଓ ସଭ୍ୟା ନିବେଦିତା ପ୍ରଧାନ, ବରିଷ୍ଠ ବିଜେଡି ନେତା ହୀନ ବେହେରା, ସମୀର ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ ।



## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



**ଧରାକୋଟ, ୪ ।୨(ସମିସ):** ଧରାକୋଟ ବ୍ଲକ ଅନ୍ତର୍ଗତ ବାହାରପୁର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ମୁଖ୍ୟ ଅତିଥି, ବିଡିଓ ଡେନିସ ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡିଓ ଶୁଶିଲ କୁମାର ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ନାୟକ, ସମିତି ସଭ୍ୟ ସୁଜାତା ଜେନା, ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ, ନାଏବ ସରପଞ୍ଚ ସଚ୍ଚିଦାନନ୍ଦ ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ, ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ନାୟକ, ଜିଆରଏସ ସୁପ୍ରଭା ମଲିକ, ଜେଏସ ସମିତା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମୂଲ୍ୟ ରାଉଳ ପରିଚାଳନା କରିଥିଲେ । ଏହି ଅବସରରେ ୧୦ ଜଣ ହିତାଧିକାରୀଙ୍କୁ ପଟ୍ଟା, ୧୨ ଜଣ ହିତାଧିକାରୀଙ୍କୁ ଭତ୍ତା, ୫୦ ଜଣଙ୍କୁ ମୋ ଗୁହାଳ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ବାହାରପୁର ପଞ୍ଚାୟତର ଏକ ହଜାରରୁ ଉର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ରାଧା ମୋହନ ତ୍ରିପାଠୀ ବେଦ ପାଠ କରିଥିବାବେଳେ ଅମେଶ ବେହେରା ସଂଯୋଜନା କରିଥିଲେ । ମାନସ ରଞ୍ଜନ ଜେନା, ବାବୁଲା ନାୟକଙ୍କ ସହ ଅନ୍ୟାନ୍ୟ ବିଭାଗର କର୍ମଚାରୀ ସହଯୋଗ କରିଥିଲେ ।

## 'ମିଶନ ଶକ୍ତି' ଓଡ଼ିଆ କବି ସମ୍ମିଳନୀ

**ଧରାକୋଟ, ୪ ।୨(ସମିସ):** ଧରାକୋଟ ମିଶନ ଶକ୍ତି ତରଫରୁ ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଡିଓ ଡେନିସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ସାହିତ୍ୟ ଶିକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ସିଡିପିଓ ସୁନିଲ ପ୍ରଭା ରଥ, ବିପିଏମ ପ୍ରତାପ ସ୍ୱାଇଁ, ବ୍ଲକ ପ୍ରୋଗ୍ରାମ ସହାୟକ ବିଷ୍ଣୁ ପ୍ରସାଦ ବେହେରା ଉପସ୍ଥିତ ଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ସିଆରପି ଓ ଏମବିକେମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ, ଭବିଷ୍ୟତ ସମ୍ପର୍କରେ ଆଲୋଚନା



ହୋଇଥିଲା । ମହିଳା ସଦସ୍ୟମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ସତ୍ୟସାଇ ସେଠୀ ପ୍ରଥମ, ଶିବାନୀ ସାହୁ ଦ୍ୱିତୀୟ, ଉଷା ରାଣୀ ବେହେରା ତୃତୀୟଙ୍କୁ ଉତ୍ତରୀୟ, ପ୍ରଶଂସାପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ସମ୍ମିଳନୀକୁ ବିପିଏମ ପ୍ରତାପ ସ୍ୱାଇଁ ସଂଯୋଜନା କରିଥିବା ବେଳେ ବିପିଏମ ବିଷ୍ଣୁ ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## 'ବନ୍ଦେ ଉତ୍କଳ ଜନନୀ' ଗାନ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୪ ।୨(ସମିସ):** ପାରଳାଖେମୁଣ୍ଡିସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଶନିବାର ପୂର୍ବାହ୍ନ ୧୧ଟା ସମୟରେ ସମସ୍ୱରରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା । ମହାବିଦ୍ୟାଳୟର ଅଧକ୍ଷା ଡ. ରୀନା ସାହୁଙ୍କ ତତ୍ତ୍ୱାବଧାନରେ ଉତ୍କଳ ପ୍ରଦେଶର ନିର୍ମାତା ଶ୍ରୀକୃଷ୍ଣଚନ୍ଦ୍ର ଗଜପତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିଥିଲେ । ରାଜ୍ୟ ସରକାରଙ୍କ ତରଫରୁ ପ୍ରସାରିତ ହେଉଥିବା ଆଜିର କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ ।



## ସୁସ୍ଥତାର ବାର୍ତ୍ତା ଦେଉଛନ୍ତି ଦୁଇ ଶିକ୍ଷକ



**ଛତ୍ରପୁର, ୪ ।୨(ସମିସ):** ଆଜିକାର ଯୁବପିଢ଼ି ଗୋଟେ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ପ୍ରାୟତଃ ବାଇକ୍‌ର ବ୍ୟବହାର କରିଥାନ୍ତି । ଏହା ଦ୍ୱାରା ପ୍ରଦୂଷଣ ବଢ଼ିବା ସହ ଶରୀର ମଧ୍ୟ ଭବିଷ୍ୟତରେ ଅସୁସ୍ଥ ହେବାର ସମ୍ଭାବନା ରହିଛି । ତେଣୁ ସାଇକେଲ ଚଳାଇ ସୁସ୍ଥ ରହିବା ବାର୍ତ୍ତା ନେଇ ହିମାଞ୍ଚଳ ପ୍ରଦେଶର ଦୁଇ ଶିକ୍ଷକ ନିରୋଜ କୁମାର ଓ ରାକେଶ ଜିସ୍ଥୁ କୋଲକାତାରୁ ସାଇକେଲ ଯୋଗେ ବିଶାଖାପାଟଣା ବୁଲି ଲୋକଙ୍କୁ ସଚେତନ କରୁଛନ୍ତି । ଶନିବାର ସେମାନେ ଛତ୍ରପୁରରେ ପହଞ୍ଚିଥିଲେ । ଦୁହେଁ ପେସାରେ ଶିକ୍ଷକ ହୋଇଥିବା ବେଳେ ନିଜ କାର୍ଯ୍ୟରୁ କିଛି ଦିନ ଛୁଟି ନେଇ ସାଇକେଲ ଚଳାଇବା ଏଭଳି ଯାତ୍ରା କରୁଥିବା କହିଛନ୍ତି ।

## ଏସ୍‌ଆଇଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ସାନଖେମୁଣ୍ଡି,୪ ।୨(ସମିସ):** ସାନଖେମୁଣ୍ଡି ପ୍ରେସ କ୍ଲବ ପକ୍ଷରୁ ଉପଦେଷ୍ଟା ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ବିଦାୟକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରେସ କ୍ଲବ ସଭପତି କାଳୁ ଚରଣ ନାହାକ, ସମ୍ପାଦକ ସତ୍ୟ ନାରାୟଣ ପାଢ଼ୀ, କୋଷାଧକ୍ଷ ବିଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପାଟପୁର ଥାନା ଏସଆଇ ଟୁନା ପିଡ଼ିକା ଦୀର୍ଘ ୩ ବର୍ଷ ଧରି ସୁଚାରୁ ରୂପେ ନିଜର କାର୍ଯ୍ୟ ତୁଲାଇ ଥିଲେ । ତାଙ୍କର ଛତ୍ରପୁର ଥାନାକୁ ବଦଳି ହୋଇଯାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ସାମ୍ବାଦିକ ବିରୋତମ ସାହୁ, ରବୀନ୍ଦ୍ର ଡାକୁଆ, ନାଗେଶ ରେଡ୍ଡି, ଶଙ୍କର ସ୍ୱାଇଁ, ପପୁ ରଣା, ଜଗନ୍ନାଥ ପାଣିଗ୍ରାହୀ, ଅଶୋକ ସାହୁ, ଦ୍ୱାରିକା ତ୍ରିପାଠୀ, କାହ୍ନା ନାହାକ ପ୍ରମୁଖ ଉପସ୍ଥିତ ଥିଲେ ।



## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଚକାପାଦ, ୪।୨(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଲାଇନପଡ଼ାସ୍ଥିତ ବପଲମେଣ୍ଡି ଗ୍ରାମରେ ଅଷ୍ଟ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହା ତିନି ଦିନ ଧରି ଚାଲିଥିବା ବେଳେ ନାମଯଜ୍ଞ, ଘୃତଯଜ୍ଞ, ଅର୍ଣ୍ଣଯଜ୍ଞ, ଜ୍ଞାନଯଜ୍ଞ ହୋଇଥିଲା । ଏହି ଅବସରରେ ପ୍ରଜାପତି ବ୍ରହ୍ମା କୁମାରୀ ଭଉଣୀ ଲୋକଙ୍କୁ ସରଳ ସୁନ୍ଦର ଭାବରେ ଧର୍ମବାଣୀ ବୁଝାଇଥିଲେ । ଯଜ୍ଞକୁ କମିଟି ସଭାପତି ଗୋକୁଳ ଚରଣ ନାୟକ, ଉପସଭାପତି କଳାକାହ୍ନୁ ନାୟକ, କୋଷାଧକ୍ଷ ପ୍ରକାଶ ନାୟକ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ ।

# 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

**ତୁମୁଡ଼ିବନ୍ଧ, ୪।୨(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ତୁମୁଡ଼ିବନ୍ଧ ବ୍ଲକରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ତୁମୁଡିବନ୍ଧ ବ୍ଲକର ୧୧ ପଞ୍ଚାୟତରେ ବ୍ଲକ ବିଜେଡି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ପଞ୍ଚାୟତ ସଭାପତିଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିରେ ବିଜେଡି କର୍ମୀ ତୃଣମୂଳସ୍ତରରେ ଭୋଟରଙ୍କ ପାଖକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମସ୍ତ ଲୋକାଭିମୁଖୀ ଓ ଜନମଙ୍ଗଳ ଯୋଜନା ସମ୍ପର୍କରେ ବୁଝାଉଛନ୍ତି । ଶନିବାର ତୁମୁଡ଼ିବନ୍ଧ ବ୍ଲକ ଯୁବ ସଭାପତି ରାମଚନ୍ଦ୍ର ଚାନ୍ଦ (ପିଣ୍ଟୁ)ଙ୍କ ନେତୃତ୍ୱରେ ତୁମୁଡ଼ିବନ୍ଧ ଅଞ୍ଚଳର ବଜାର ସାହି, ଖାରି ସାହି, ଡଙ୍ଗରପଦର, ମଞ୍ଜିଆପଦା ଗ୍ରାମରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠ ବିଜେଡି କର୍ମୀ ଗଙ୍ଗା ମିଶ୍ର, ରବି ପାଢ଼ୀ, ଉମେଶ ଚନ୍ଦ୍ର ଦଣ୍ଡସେନା, କୁନା ଦଣ୍ଡସେନା, ଇନ୍ଦ୍ର ପ୍ରଧାନୀ, ରାଜେନ୍ଦ୍ର ବେହେରଦଳେଇ, ସହଦେବ ବଟକର ଓ ରାମୁ ସାଥୁଆଙ୍କ ସମେତ ମହିଳା, ଯୁବ ଓ ଛାତ୍ର ଜନତା ଦଳର କର୍ମୀ ସାମିଲ ହେଇଥିଲେ । ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି କୁହାଯାଇଛି ।



**ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା**

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

**ଗୁମ୍ମା, ୪।୨(ସମିସ)**

ଉପାନ୍ତ ଅଞ୍ଚଳରେ ସରକାରୀ ଯୋଜନା ସହ ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟର ତଦାରଖ ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ କରିଛନ୍ତି। ଗୁମ୍ମା ବ୍ଲକରେ କାର୍ଯ୍ୟକ୍ଷମ ମୁଖ୍ୟମନ୍ତ୍ରୀ ସତନ୍ତ୍ର ସହାୟତା ଯୋଜନାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ ଜିଲ୍ଲାପାଳ। ଗୁମ୍ମା ବ୍ଲକ ସଦର ମହକୁମା ଆଦର୍ଶ ବିଦ୍ୟାଳୟ, ଗୁମ୍ମା ପ୍ରାଥମିକ ବିଦ୍ୟାଳୟ, କସ୍ତୁରବା ବାଳିକା ବିଦ୍ୟାଳୟ, ପରିଡ଼ା ଆଶ୍ରମ ବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର ବାଳିକା ବିଦ୍ୟାଳୟ, ସରକାରୀ ବିଦ୍ୟାଳୟ ପୁରୁଣ୍ଡି, ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୁମ୍ମାରେ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ ଜିଲ୍ଲାପାଳ। ଗୁମ୍ମା ପ୍ରାଥମିକ ବିଦ୍ୟାଳୟର ପାଚେରି ନିର୍ମାଣ, କସ୍ତୁରବା ବାଳିକା ବିଦ୍ୟାଳୟରେ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ସମ୍ପର୍କରେ ବିଦ୍ୟାଳୟ ପକ୍ଷରୁ ଏହି ଅବସରରେ ଅନୁରୋଧ କରାଯାଇଥିଲା। ସମୀକ୍ଷା ସମୟରେ ଗୁମ୍ମା ବିଦ୍ୟାଳୟ ପ୍ରଧାନଶିକ୍ଷକ ଲିଙ୍ଗରାଜ ପାଢ଼ୀ, ଜିତେନ୍ଦ୍ର ପାଣି, କେଦାରନାଥ କାର୍ଜି, ଡ. ରାଜୀବ ଲୋଚନ ସେନାପତି, ମିହିରଲାଲ ପାଣି ଓ ବିଦ୍ୟାଳୟ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଗୁମ୍ମା ପ୍ରାଥମିକ ବିଦ୍ୟାଳୟର ପାଚେରି ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର କରାଯିବା ପାଇଁ ଜିଲ୍ଲାପାଳ ଶ୍ରୀ ପ୍ରଧାନ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



**■ ପ୍ରସ୍ତାବିତ ବ୍ରିଜ୍ ନିର୍ମାଣ ସ୍ଥଳକୁ ଅଞ୍ଚଳବାସୀଙ୍କ ବିରୋଧ**

# ପ୍ରଶାସନିକ ଟିମ୍‌ର ନିରୀକ୍ଷଣ

**ପାରଳାଖେମୁଣ୍ଡି, ୪।୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବାଘଶଳା ପଞ୍ଚାୟତ ସଦର ମହକୁମାଠାରୁ କାମଧେନୁ-ଯୁବରାଜପୁର ମଧ୍ୟରେ ମହେନ୍ଦ୍ରତନୟା ନଦୀ ଉପରେ ପ୍ରସ୍ତାବିତ ବ୍ରିଜ୍ ନିର୍ମାଣକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଏବଂ ବିଭାଗୀୟ ଇଂଜିନିୟର ବ୍ରିଜ୍ ନିର୍ମାଣ ସ୍ଥଳ ନିରୀକ୍ଷଣ କରିଛନ୍ତି। ବ୍ରିଜ୍ ନିର୍ମାଣ ହେଲେ ଏହି ଅଞ୍ଚଳର ନଅ ହଜାର ଜନସାଧାରଣ ଉପକୃତ ହେବେ। ଏହାକୁ ଦୃଷ୍ଟିରେ ରଖି ପ୍ରାୟ ୮ କୋଟି ଟଙ୍କା ବ୍ୟୟବରାଦରେ ବ୍ରିଜ୍ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଟେଣ୍ଡର ଆହ୍ୱାନ କରାଯାଇ କାର୍ଯ୍ୟ ଆରମ୍ଭ ପାଇଁ ବାଘଶଳା ଗ୍ରାମର ଠାକୁରାଣୀ ମନ୍ଦିର ନିକଟରେ ଜାଗା ନିରୂପଣ କରାଯାଇଛି। ଉକ୍ତ ସ୍ଥାନରେ ବ୍ରିଜ କାମ ଆରମ୍ଭ ହେବ ବୋଲି ବାଘଶଳା ତଥା ଅଞ୍ଚଳବାସୀ ଜାଣିବା ପରେ ବିଭାଗ ଦ୍ୱାରା ଚିହ୍ନଟ କରାଯାଇଥିବା ସ୍ଥାନରେ ବ୍ରିଜ ନ କରି ବାଘଶଳା ମୁଖ୍ୟରାସ୍ତା ତଟରୁ ଯୁବରାଜପୁର ଗ୍ରାମ ମଧ୍ୟରେ ବ୍ରିଜ୍ ନିର୍ମାଣ କରିବା ପାଇଁ ଦାବି କରୁଛନ୍ତି। ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯେଉଁ ସ୍ଥାନରେ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି ସେହି ସ୍ଥାନରେ ହିଁ ହେବ ବୋଲି ବିଭାଗ ପକ୍ଷରୁ ସୂଚାଇ ଦିଆଯାଇଥିଲା। ଏହାକୁ ବିରୋଧ କରି ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଏହାକୁ ନେଇ ଅତିରିକ୍ତ ଜିଲ୍ଲାପାଳ ବିରେନ୍ଦ୍ର କୁମାର ଦାସ, ଉପଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରାଙ୍କ ସହ ଗ୍ରାମ୍ୟ ଉନ୍ନୟନ ବିଭାଗର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଅଜିତ କୁମାର ସାହୁଙ୍କ ସହ ବହୁ ବିଭାଗୀୟ ଯନ୍ତ୍ରୀ ଏବଂ ବାଘଶଳା ସରପଞ୍ଚ ଟି.ଭୀମାରାଜୁ ପ୍ରସ୍ତାବିତ ଏବଂ ଗ୍ରାମବାସୀ କହୁଥିବା ସ୍ଥାନକୁ ବୁଲି ଦେଖି ନିରୀକ୍ଷଣ କରିଥିଲେ। ଏନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦାସ କହିଛନ୍ତି ଯେ, ସମସ୍ତ ବିଷୟ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରାଯିବ। ଜିଲ୍ଲାପାଳଙ୍କ ନିଷ୍ପତ୍ତି ପରେ କାମ ଆରମ୍ଭ ହେବ।



## ଫିରିଙ୍ଗିଆ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ମହୁମାଛି ଆତଙ୍କ

**ଫିରିଙ୍ଗିଆ, ୪।୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟରେ ଥିବା ସରକାରୀ ଉନ୍ନୀତ ବିଦ୍ୟାଳୟରେ କିଛିଦିନ ହେଲା ମହୁମାଛି ଆତଙ୍କ ଦେଖା ଦେଇଛି। ଶନିବାର ସବୁଦିନ ପରି ଏକାଠି ହୋଇ ପ୍ରାର୍ଥନା କରିବା ସମୟରେ ହଠାତ ମହୁମାଛି ଛାତ୍ରଛାତ୍ରୀ ଆଡକୁ ମାଡି ଆସିଥିଲେ। ଏଥିରେ ସମସ୍ତେ ଭୟଭୀତ ହୋଇ ଏଣେତେଣେ ଦୌଡ଼ିଥିଲେ। ଖେଳ ଶିକ୍ଷକ ବାସୁଦେବ ସାହାଣୀ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ପ୍ରତ୍ୟେକ ଶ୍ରେଣୀରେ ପହଞ୍ଚାଇଥିଲେ। ବିଦ୍ୟାଳୟ ପରିସରରେ ଥିବା ଏକ ବଡ଼ ଶିମିଳି ଗଛରେ ମହୁମାଛି ବସା ବାନ୍ଧୁଥିବାରୁ ଏପରି ପରିସ୍ଥିତି ହେଉଛି ବୋଲି ଖେଳ ଶିକ୍ଷକ କହିଛନ୍ତି। ପୂର୍ବରୁ ମଧ ଥରେ ମହୁମାଛି ଆକ୍ରମଣରେ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଆହତ ହୋଇଥିଲେ। ବିଦ୍ୟାଳୟ ପରିସରରେ ଥିବା ସେହି ବଡ଼ ଗଛକୁ କାଟିବାକୁ ବନ ଅଧିକାରୀଙ୍କୁ ଲିଖିତ ଭାବେ ଅନୁରୋଧ କରାଯାଇଥିଲା। ଶନିବାର ଘଟଣା ପରେ ପୁଣି ଥରେ ବନବିଭାଗକୁ ଏ ସମ୍ପର୍କରେ ଅବଗତ କରାଯାଇଛି। ବନ ବିଭାଗକୁ ଅବଗତ କରି ବିଦ୍ୟାଳୟ କର୍ତ୍ତୃପକ୍ଷ ଚୁପ୍ ବସୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି।

## ଏନ୍‌ଏସି ପକ୍ଷରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



**ଜି.ଉଦୟଗିରି, ୪।୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଏନ୍‌ଏସି ତରଫରୁ ବିଜୁ କଲ୍ୟାଣମଣ୍ଡପରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ ପ୍ରଜ୍ୱଳନ ଓ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କଲା ପରେ ସଭା ଆରମ୍ଭ ହୋଇଥିଲା। ମୁଖ୍ୟ ସଂଯୋଜକ ପ୍ରଭାତ ରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଭାଷା ସମ୍ମିଳନୀ ସଭାରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ବରିଷ୍ଠ ସାମ୍ବାଦିକ ତଥା ଭାଷାବିତ ଶିଶିର ପଟ୍ଟନାୟକ, ଅଧ୍ୟାପକ ଡ. ନଳିନୀ କୁମାର ପାଣିଗ୍ରାହୀ, ଅଧ୍ୟାପିକା ସୁପ୍ରିୟା ମହାନ୍ତି, ସାହିତ୍ୟିକ ଡା. ସତ୍ୟନାରାୟଣ ପଟ୍ଟନାୟକ, ପ୍ରେସ କ୍ଲବ ସଭାପତି ଅରୁଣ କୁମାର ଷଡ଼ଙ୍ଗୀ, ଶିକ୍ଷକ କେଶବ ପ୍ରଧାନ, କାଉନସିଲର ନନ୍ଦିତା ପ୍ରଧାନ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ଅତୀତ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରେ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

**ରାଇକିଆ, ୪।୨(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କର୍ଯ୍ୟାଳୟ ତରଫରୁ ରବିବାର ବ୍ଲକସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୦ କ୍ଲଷ୍ଟରରୁ ୧୦୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସମୂହ 'ବନ୍ଦେ ଉତ୍କଳ ଜନନୀ' ଗାନ ସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ଭାଷା, ସାହିତ୍ୟ, ଚାରୁକଳା, ଚିତ୍ରକଳା ଓ ପୁସ୍ତକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ବିଇଓ ହାଡିବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଓଡ଼ିଆ ବିଭାଗ ପ୍ରଫେସର୍ ଶ୍ୟାମସୁନ୍ଦର ଡାଙ୍ଗୁଆ ଯୋଗଦେଇ ବିଶ୍ୱ ଭାଷା ସାହିତ୍ୟ ସମ୍ମିଳନୀ, ଓଡ଼ିଆ ଭାଷାର ମହତ୍ତ୍ୱ ଓ ସଂରକ୍ଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଅଧ୍ୟାପକ ଅବିନାଶ ମହାପାତ୍ର, ଧର୍ମେନ୍ଦ୍ର ଦିଗାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏବିଇଓ ସୀମାଦ୍ରି କହଁର ଏବଂ ଧନେଶ୍ୱର ଖୁଣ୍ଟିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ମହମ୍ମଦ କେଶରୀ ପ୍ରଧାନ ଓ ବାଲ୍ମୀକି ଦେହୁରୀ ମଞ୍ଚ ପରିଚାଳନା କରିଥିଲେ।



## ଜୀବା ପଞ୍ଚାୟତରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ପାରଳାଖେମୁଣ୍ଡି, ୪।୨(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଜୀବା ପଞ୍ଚାୟତରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉତ୍ସବ ସରପଞ୍ଚ ଏଡେଙ୍ଗ ଶବରଙ୍କ ନେତୃତ୍ୱରେ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଶିକ୍ଷକ ରମାକାନ୍ତ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ପ୍ରେମ୍ ଅନୁଷ୍ଠାନର ବରିଷ୍ଠ କର୍ମୀ ଲାଜାର୍ ଲିମା ଯୋଗ ଦେଇଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତିନାଟ୍ୟ, ପ୍ରବନ୍ଧ, ବକ୍ତୃତା ଓ ଏହି ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କ ଆଲୋଚନା ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଉତ୍ତମ ବକ୍ତା ଭାବେ ଶିକ୍ଷକ ରମାକାନ୍ତ ପଟ୍ଟନାୟକ ଓ ଉତ୍ତମ ସ୍ୱେଚ୍ଛାସେବୀ ଭାବେ ଶ୍ରୀ ଲୀମାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମଟିକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସହଦେବ କଳିଙ୍ଗ ପରିଚାଳନା କରିଥିଲେ।



## ବିଭିନ୍ନ ସ୍ଥାନରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ



**ରାୟଗଡ଼, ୪।୨(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ କରଡ଼ାସିଂ ପଞ୍ଚାୟତ ବୁର୍ଜାଙ୍ଗ ଗ୍ରାମରେ ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ହୋଇଥିଲା। ବିଜେଡି ଜିଲ୍ଲା ଉପସଭାପତି ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କରିବାକୁ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପରେ ବିଜେଡି କର୍ମୀ ଘରକୁ ଘର ଯାଇ ରାଜ୍ୟ ସରକାରଙ୍କ ସଫଳତା ସମ୍ପର୍କରେ ବୁଝାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମହିଳା ସଭାନେତ୍ରୀ ତଥା ରାୟଗଡ଼ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଜିଲ୍ଲା ଯୁବ ସଭାପତି ଏସ୍. ଲିଙ୍ଗରାଜ, ଜିଲ୍ଲା ଉପସଭାପତି ଆର୍. ବିଜୟ କୁମାର, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଜିଲ୍ଲା ପରିଷଦ ସଭ୍ୟା ଗୌତମୀ ଜାନି, ବ୍ଲକ ସଭାପତି ସୀମା ମହାନ୍ତି, ଯୁବ ସଭାପତି ମାଗୁଣି ମହାପାତ୍ର, ଛାତ୍ର ସଭାପତି ଜୁନସ୍ ସ୍ୱାଲସିଂ, ସରପଞ୍ଚ ଉମା ଶଙ୍କର ଭୁମଲ, ସାନତୁଣ୍ଡି ସରପଞ୍ଚ ସଂଘମିତ୍ରା ଶବର ଓ ବରିଷ୍ଠ ବିଜେଡି ନେତା ଆୟୁଷମାନ ପରିଚ୍ଛାଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

**ନୂଆଗଡ଼:** ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ବଡ଼ପଦା ଗ୍ରାମରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଜେଡି ଜିଲ୍ଲା ସଭାପତି ଜଗବନ୍ଧୁ ଦାସ, ବ୍ଲକ ସଭାପତି ଯୋହନ ମାଝି, ଜିଲ୍ଲା ଯୁବ ସଭାପତି ଏସ୍ ଲିଙ୍ଗରାଜ, ସାଂସଦ ପ୍ରତିନିଧି ରିଙ୍କୁ ପାଣିଙ୍କ ସମେତ ଜିଲ୍ଲା ଏବଂ ବ୍ଲକ ବିଜେଡି କର୍ମୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ଦଳୀୟ ନେତା ଓ କର୍ମୀ ଗ୍ରାମର ବଜାର ଏବଂ ସମସ୍ତ ସାହି ପରିକ୍ରମା କରିଥିଲେ।



## ସମନ୍ୱିତ ଆଦିବାସୀ ସଂସ୍ଥାର ତାଲିମ ଶିବିର

**ଜି.ଉଦୟଗିରି, ୪।୨(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ସମ୍ମନ୍ୱିତ ସଭା ଗୃହରେ ବାଲିଗୁଡ଼ା ସମ୍ମନ୍ୱିତ ଗ୍ରାମ୍ୟ ଉନ୍ନୟନ ସମିତି ପକ୍ଷରୁ ୫୦ ଜଣ ଯୁଗ୍ମ ଉଦ୍ୟୋଗୀଙ୍କୁ ନେଇ ୨ ଦିନିଆ ଆବାସିକ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା। ଆଦିବାସୀ ଯୁଗ୍ମ ଉଦ୍ୟୋଗୀଙ୍କୁ ବିଭିନ୍ନ ଉଦ୍ୟୋଗ ମାଧ୍ୟମରେ ସ୍ୱାବଲମ୍ବୀ କରିବା ଓ ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ସହିତ ଅନ୍ୟ ରାଜ୍ୟକୁ କାମଧନ୍ଦା ଅନ୍ୱେଷଣରେ ଯାଉଥିବା ଶ୍ରମିକଙ୍କୁ ରୋକିବା ଏହି ଶିବିରର ଲକ୍ଷ୍ୟ ରହିଛି। ଶିବିରର ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବରେ ପ୍ରକଳ୍ପ ପ୍ରଶାସକ ରୁପାସିନ୍ଧୁ ବେହେରା ଯୋଗ ଦେଇ ଯୁଗ୍ମ ଉଦ୍ୟୋଗୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରକଳ୍ପ ପ୍ରବନ୍ଧକ ସମିରନ୍ ନାୟକ, ସାମାଜିକ ବିକାଶ ଅଧିକାରୀ ଜଗମୋହନ ପୃଷ୍ଟି, ବ୍ଲକ ଜୀବିକା ବିଶେଷଜ୍ଞ ମୋଜେସ କୁମାର୍ ନାୟକ, ଆଲୋକ ବେହେରା, ପ୍ରବୀଣ ନାୟକ, ଦେବାଶିଷ ନାୟକ ଓ ରୋହିମୁଦ୍ ନାୟକ ଯୋଗ ଦେଇଥିଲେ।

## ଗଛ ଡାଳ ପଡ଼ି ଜଣେ ଗୁରୁତର

**ଗୋଷାଣି, ୪।୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସାତମାଇଲ ଗ୍ରାମ ଛକରେ ଥିବା ଏକ ବଡ଼ ବଟ ଗଛର ଡାଳ ଭାଙ୍ଗି ପଡ଼ିବାରୁ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଜାତୀୟ ରାଜପଥ ତଟରେ ଥିବା ଶତାୟୁ ବଟ ଗଛର ଏକ ବଡ ଡାଳ ହଠାତ ଭାଙ୍ଗି ପଡ଼ିଥିଲା। ସେହି ସମୟରେ ଯାଉଥିବା କାଶୀ ମାଲିକ୍ (୩୫) ନାମକ ଜଣେ ଯୁବକଙ୍କ ଉପରେ ଗଛଡାଳ ପଡ଼ିଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଓ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ଏକ ଅଟୋ ଯୋଗେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ହେଲେ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଯୋଗୁଁ ଡାକ୍ତର ଉଚ୍ଚ ଚିକିତ୍ସା ନିମନ୍ତେ ଅନ୍ୟତ୍ର ନେବାକୁ ପରାମର୍ଶ ଦେଇଥିଲେ। ଯୁବକଙ୍କୁ ଶ୍ରୀକାକୁଲମ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା କୁହାଯାଉଛି। କାଶୀଙ୍କ ନିଜ ଗ୍ରାମ ଆନ୍ଧ୍ର ପ୍ରଦେଶର ଅଙ୍ଗଲ ହୋଇଥିବା ବେଳେ ସେ ବିଭିନ୍ନ ଗ୍ରାମ ବୁଲି ଚେୟାର, ଷ୍ଟିଲ ସାମାନ ଆଦି ବିକ୍ରି କରି ଏହି ବ୍ଲକର କତଲକଇଠା ଗ୍ରାମରେ ରହୁଥିଲେ।

## ଗଜପତି କରଣ ସମାଜର ବୈଠକ

ପାରଳାଖେମୁଣ୍ଡି, ୪।୨(ସମିସ): ପାରଳାଖେମୁଣ୍ଡିସ୍ଥିତ ୟୁଟେକ୍ କମ୍ପ୍ୟୁଟର ସଭାଗୃହରେ ଗଜପତି କରଣ ସମାଜର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଥିଲା। କରଣ ସମାଜ ସଭାପତି ହରି ମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅମିତ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। ଏଥିରେ ଅବସରପ୍ରାପ୍ତ ସେନା ଅଧିକାରୀ ମଲିକାର୍ଜୁନ ପଟ୍ଟନାୟକ, ନେତ୍ରାନନ୍ଦ ପଟ୍ଟନାୟକ, ଡ.ଚିନ୍ତାମଣି ପଟ୍ଟନାୟକ, ଜଗଦୀଶ ମହାପାତ୍ର, ବ୍ରଜନନ୍ଦ ପଟ୍ଟନାୟକ, ସାରଳା ଦେବ ପଟ୍ଟନାୟକଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ବିଷୟ ସମ୍ପର୍କରେ ଆଲୋଚନା କରିଥିଲେ। ଗଜପତି ଜିଲ୍ଲା ତଥା ଜିଲ୍ଲା ବାହାରେ ଥିବା କରଣଙ୍କୁ କିପରି କରଣ ସମାଜରେ ସାମିଲ କରାଯିବ ଏବଂ କରଣ ସମାଜରେ ଥିବା ବିଭିନ୍ନ ସମସ୍ୟାର ସମାଧାନ କିପରି ହୋଇପାରିବ ସେ ନେଇ ଉପସ୍ଥିତ ସଦସ୍ୟ ମତ ରଖିଥିଲେ। ଏଥି ସହ ଚଳିତ ମାସ ୨୫ ତାରିଖରେ ସ୍ଥାନୀୟ କରଣସାହିସ୍ଥିତ ମନ୍ଦିରରେ ତୃତୀୟ ବୈଠକ ଆୟୋଜନ ସହ ସଦସ୍ୟ ଯୋଡ଼ିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଗଜପତି କରଣ ସମାଜର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



## 'ଆମ ଭାଷା ଆମ ପରିଚୟ' କାର୍ଯ୍ୟକ୍ରମ



**ପାରଳାଖେମୁଣ୍ଡି, ୪।୨(ସମିସ):** ପାରଳାଖେମୁଣ୍ଡିସ୍ଥିତ ବାଳ ମୁକୁନ୍ଦକେନ୍ଦ୍ର ପକ୍ଷରୁ କୃପାଳୁ ଶିଶୁ ସାହିତ୍ୟ ଆସର ଅବସରରେ 'ଆମ ଭାଷା ଆମ ପରିଚୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅର୍ବାନ୍ ହଷ୍ଟେଲ ଛାତ୍ରାବାସ ଅନ୍ତେବାସୀଙ୍କ ଗହଣରେ ହୋଇଥିବା କାର୍ଯ୍ୟକ୍ରମକୁ ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ପରିଚାଳନା କରିଥିଲେ। ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ମାଧ୍ୟମରେ ଯେଉଁ ସବୁ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡ଼ିଶାର କଳା ଓ ସାହିତ୍ୟ, ଲେଖକ ଓ ଲେଖିକା, ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା, ପର୍ବପର୍ବାଣି, ପର୍ଯ୍ୟଟନ କ୍ଷେତ୍ର ଏବଂ ମହାପୁରୁଷଙ୍କ ବିଷୟରେ ସଂଯୋଜକ ଶିଶୁଙ୍କୁ ଅବଗତ କରାଇଥିଲେ। ଶେଷରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ନୂଆଗଡ଼, ୪।୨(ସମିସ):** ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ନେଇ ଆଲୋଚନା ଏବଂ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା କାର୍ଯ୍ୟକ୍ରମର ବାର୍ଷିକ କାର୍ଯ୍ୟର ଖସଡ଼ା ପ୍ରସ୍ତୁତ ନିମନ୍ତେ ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ତାବରଡ଼ାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଜେଡି ଜିଲ୍ଲା ସଭାପତି ଜଗବନ୍ଧୁ ଦାସ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନ, ବିଡିଓ ଲୋକନାଥ ଶବର, ସହକାରୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ଦାସ ଯୋଗଦେଇ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ଲୋକଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ଯୋହନ ମାଝୀ, ସାଂସଦ ପ୍ରତିନିଧି ରିଙ୍କୁ ପାଣି, ସରପଞ୍ଚ ତାବତି ବେହେର୍ଦ୍ଦଳାଇ, ସମିତିସଭ୍ୟା ଏବିତା ରଇତ, ନାଏବ ସରପଞ୍ଚ ଅବୀୟ ରଇତ, ପ୍ରତ୍ୟେକ ୱାର୍ଡ ସଭ୍ୟ, ଅଙ୍ଗନ୍‌ବାଡ଼ି, ଆଶା କର୍ମୀ, ଏସଏଚ୍‌ଜି ସଦସ୍ୟା, ବୁଦ୍ଧିଜୀବୀଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁରସ୍କାର ବିତରଣ କରାଯାଇଥିଲା। ପିଇଓ ବି.ଲିଙ୍ଗରାଜୁ, ହର୍ଷ କୁମାର ଲୋହୋରା ଓ ଦେବ ରଞ୍ଜନ ଲୋହୋରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ସମିତିସଭ୍ୟ ମହାସଂଘର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

**ଫିରିଙ୍ଗିଆ, ୪।୨(ସମିସ)**

କନ୍ଧମାଳ ଜିଲ୍ଲା ସମିତିସଭ୍ୟ ମହାସଂଘର ନବମ ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ରେ ଅନୁଷ୍ଠିତ ହୋଇଥିଲା। ମହାସଂଘ ସଭାପତି ବୈଦ୍ୟନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ଫୁଲବାଣୀ ବ୍ଲକ ଅଧୀନସ୍ଥ ମିଣିଆ ପଞ୍ଚାୟତର ସମିତିସଭ୍ୟ ଦେବନାରାୟଣ ପ୍ରଧାନଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା। ଫିରିଙ୍ଗିଆ ବ୍ଲକ ସଂଘର ବରିଷ୍ଠ ଉପସଭାନେତ୍ରୀ ମୌସୁମୀ ପ୍ରଧାନ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ମଞ୍ଚରେ ଓଡ଼ିଶା ରାଜ୍ୟ ସମିତିସଭ୍ୟ ପରିବାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୀପ୍ରସାଦ ମଲିକ ଓ ଜାନକୀ କହଁର ଯୋଗ ଦେଇଥିବା ବେଳେ ଜିଲ୍ଲା ମହାସଂଘର ବରିଷ୍ଠ ଉପଦେଷ୍ଟା ଧବଳେଶ୍ୱର ପାତ୍ର, ଉପସଭାପତି ଜୁନେଶ ଦିଗାଲ୍, କାର୍ଯ୍ୟକାରୀ ସଭାପତି ଭାଗ୍ୟବାନ ବେହେରା, ବରିଷ୍ଠ ସମିତିସଭ୍ୟ ପିଣ୍ଟିକ ମଲିକ ଉପସ୍ଥିତ ଥିଲେ। ୪ ମାସ ହେବ ସମିତିସଭ୍ୟଙ୍କ ପକ୍ଷରୁ ୧୨ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ଏ ସମ୍ପର୍କରେ ଆଲୋଚନା ପାଇଁ '୫-ଟି' ଅଧ୍ୟକ୍ଷଙ୍କୁ ୬ ତାରିଖରେ ଭେଟିବାକୁ ରାଜ୍ୟ କମିଟି ସ୍ଥିର କରିଛି। ସେହିଭଳି ଚଳିତମାସ ୧୫ ତାରିଖ ମଧ୍ୟରେ କନ୍ଧମାଳ ଜିଲ୍ଲା ମହାସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଇ ଜିଲ୍ଲାପାଳଙ୍କୁ ପୁଣିଥରେ ଦାବିପତ୍ର ପ୍ରଦାନ କରାଯିବାକୁ ଜିଲ୍ଲା ସଭାପତି ଶ୍ରୀ ବେହେରା ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲାର ୧୨ ବ୍ଲକର ସମସ୍ତ ସମିତିସଭ୍ୟ ଯୋଗ ଦେଇଥିଲେ।



